

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୨ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 OCTOBER 2020
Vol.No. 30 ■ No. 259 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


# ସ୍ୱାମିତ୍ୱ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ଭିଡିଓ କନଫ୍ରେନ୍ସିଂଗ ଜରିଆରେ ଗ୍ରାମୀଣ ଲୋକ ମାନଙ୍କ ପାଇଁ ସ୍ୱାମିତ୍ୱ ଯୋଜନାର ଶୁଭାରମ୍ଭ କରି ସମ୍ପତି କାର୍ଡ ବିତରଣ କରିଛନ୍ତି । ପାଖା ପାଖି ଏକ ଲକ୍ଷ ଲୋକଙ୍କର ସମ୍ପତି କାର୍ଡ ପ୍ରସ୍ତୁତ ହୋଇ ସାରିଲାଣି ଓ ଡାଉନ ଲୋଡ କରିବାକୁ ଏହା ଉପଲବ୍ଧ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସମ୍ପତି କାର୍ଡ ପ୍ରାପ୍ତ କରିଥିବା ଏକ ଲକ୍ଷ ଲୋକଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ ଏହି




ଯୋଜନାରେ ଗାଁ ଲୋକ ମାନେ ଆତ୍ମନିର୍ଭର ହେବେ । ସେ କହିଛନ୍ତି ଯେ ଗାଁ ଗୁଡିକୁ ସେମାନଙ୍କର ସ୍ଥିତିରେ ଛଡା ଯାଇ ପାରିବ ନାହିଁ । ସେ କହିଛନ୍ତି ଯେ ଏହି ଯୋଜନା ଆମ ଦେଶର ଗାଁ ମାନଙ୍କରେ ଐତିହାସିକ ପରିବର୍ତ୍ତନଆଣିବ । ଏହି ଯେ ଏହି ଯୋଜନାରେ ଆପଣଙ୍କ ନିକଟରେ ଏକ ଅଧିକାର ଓ ଆଇନଗତ ଡକ୍ୟୁମେଂଟ ରହିଛି ଯେ ଆପଣଙ୍କର ଘର ଆପଣଙ୍କର ହିଁ ରହିବ । ଆଜିଦେଶର ଦୁଇ ମହାନ ସୁପୁତ୍ର ଜୟ ପ୍ରକାଶ ନାରାୟଣ ଓ ନାନାଜୀ ଦେଶମୁଖଙ୍କର ଜନ୍ମ ଦିନ ।

## ଜେପିଙ୍କୁ ସ୍ମରଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୧୦ (ନି.ପ୍ର): ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ଜୟନ୍ତୀରେ ତାଙ୍କୁ ସ୍ମରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ୱିଟ କରି କହିଛନ୍ତି ଯେ ଜୟନ୍ତୀରେ ଜେପିଙ୍କୁ ନମନ କରୁଛି । ସେ ଭାରତର ସ୍ୱାଧୀନତା ପାଇଁ ଓ ଯେତେବେଳେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧ ବିପଦରେ ଥିଲା ସେତେବେଳେ ସେ ତାଙ୍କ ବିରୁଦ୍ଧରେ ଲଢିଥିଲେ। ସେ ଏହାର ସଂରକ୍ଷଣ ପାଇଁ ବଡ ଜନ ଆନ୍ଦୋଳନ କରିଥିଲେ ।

## ବ୍ଲୁ-ଫ୍ଲାଗ୍ ମାନ୍ୟତା ପ୍ରଦାନ କାରଣରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କଲେ

ଭୁବନେଶ୍ୱର,୧୧।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ସୁବର୍ଣ୍ଣ ବେଳାଭୂମିର କଠୋର ପରିବେଶଗତ ମାନକ ଓ ବିଶ୍ୱସ୍ତରୀୟ ପୋଷଣୀୟ ପର୍ଯ୍ୟଟକ ସୁବିଧା ସୁନିଶ୍ଚିତ କରିଥିବା ପରିପ୍ରେକ୍ଷୀରେ ତାହାକୁ ସ୍ୱୀକୃତି ଦେଇ ଡେନ୍‌ମାର୍କସ୍ଥିତ ଫାଉଣ୍ଡେସନ୍ ଫର ଏନ୍‌ଭାରୋନ୍‌ମେଂଟାଲ୍ ଏଜୁକେସନ୍ ସଂଗଠନ ପୁରୀ ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ମାନ୍ୟତା ପ୍ରଦାନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଏହି ବେଳାଭୂମିର ପ୍ରଦୂଷଣମୁକ୍ତ ବାତାବରଣ ବିଶ୍ୱ ଐତିହ୍ୟ ନଗରୀର ପୁରୀର ଆକର୍ଷଣ ବୃଦ୍ଧି କରିବ ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୦,୭୮,୫୪୪ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୧୧।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୦,୭୮,୫୪୪ ନମୁନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୮,୬୮,୭୭,୨୪୨ ନମୁନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ମାନସ ଦତ୍ତ ବିଜେପିର ଉପ-ନିର୍ବାଚନ ପ୍ରାର୍ଥୀ ଘୋଷିତ

ବାଲେଶ୍ୱର,୧୧।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନର ପ୍ରାର୍ଥିତ୍ୱକୁ ନେଇ ବିଜେପି ପକ୍ଷରୁ ଗତ କିଛିଦିନ ଧରି ଲାଗି ରହିଥିବା ଟଣାଓଟାରାର ଆଜି ଅନ୍ତ ଘଟିଛି । ଏହି ନିର୍ବାଚନରେ ପୂର୍ବତନ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ସୁପୁତ୍ର ମାନସ ଦତ୍ତଙ୍କୁ ବିଜେପିର ପ୍ରାର୍ଥୀ ଭାବେ ଦଳର କେନ୍ଦ୍ରୀୟ କମିଟି ଘୋଷଣା କରିଛି । ବିଜେପି ରାଜ୍ୟ କମିଟିର ସୁପାରିଶ କ୍ରମେ କେନ୍ଦ୍ରୀୟ କମିଟି ମାନସଙ୍କୁ ପ୍ରାର୍ଥୀ କରାଇଥିବା କୁହାଯାଉଛି । ତେବେ ମାନସଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ବେଶ୍ ଖୁସୀର ଲହରୀ ଖେଳି ଯାଇଛି । ପୂର୍ବତନ ବିଧାୟକ ସ୍ୱର୍ଗତ ଦତ୍ତଙ୍କ



ଶେଷକୃତ୍ୟ ବେଳେ ତାଙ୍କର ସହଯୋଗୀ ଓ ଦଳୀୟ କର୍ମୀମାନେ ପୁତ୍ର ମାନସଙ୍କୁ ପ୍ରାର୍ଥୀ କରାଇବା ପାଇଁ ମନସ୍ଥ କରିଥିଲେ । ସେହି ଅନୁସାରେ ଲବି ସହିତ ରାଜ୍ୟସ୍ତରୀୟ ନେତାଙ୍କଠାରେ ଦାବି ମଧ୍ୟ ଉପସ୍ଥାପନ କରିଥିଲେ । ମାନସ ମଧ୍ୟ ଗତ କିଛିଦିନ


▶▶ପୃଷ୍ଠା ୭


## ସମୁଦ୍ର ସ୍ନାନ ବେଳେ ଅଘଟଣ: ଲହଡ଼ିରେ ଭାସି ଯାଉଥିବା ବେଳେ ବଙ୍ଗୀୟ ପର୍ଯ୍ୟଟକ ଉଦ୍ଧାର

ପୁରୀ,୧୧।୧୦ (ନି.ପ୍ର): ସ୍ଥାନୀୟ ତ୍ରିମୂର୍ତ୍ତି ହୋଟେଲ ସମ୍ମୁଖ ସମୁଦ୍ରରେ ଆଜି ମଧ୍ୟାହ୍ନରେ ସ୍ନାନ କରୁଥିବା ବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକ ଉଚ୍ଚ ଲହଡ଼ିରେ ଭାସି ଯାଇଥିଲେ । ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ଼ ମାନେ ଏହା ଦେଖି ସଙ୍ଗେ ସଙ୍ଗେ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ପର୍ଯ୍ୟଟକ ଜଣକ ପଶ୍ଚିମବଙ୍ଗର ପୁଟ ଡ଼ାଙ୍କୁଣିର ୫୯ ବର୍ଷିୟ ଦିଲ୍ଲୀପ କୁମାର ବିଶ୍ୱାସ ବୋଲି ଜଣାପଡିଛି । ଆଶୁ ଚିକିତ୍ସା ପରେ ସେ ରହୁଥିବା ହୋଟେଲକୁ ଫେରିଥିଲେ । ଘଟଣା ପରେ ଲାଇଫ୍ ଗାର୍ଡ ମାନେ ଜଗୁଥିବା ସ୍ଥାନରେ ସ୍ନାନ କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟକ ମାନଙ୍କୁ ପରାମର୍ଶ ଦିଆଯାଇଛି ।

## ଗୋଟିଏ ଦିନରେ ୨୫୪୬ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୫୨୨୩୯

ଭୁବନେଶ୍ୱର,୧୧।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୫୪୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୫୨୨୩୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୨୪୨୭୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୬୮୯୧ ରହିଛି । ଆଜି ଚିହ୍ନଟ ହୋଇଥିବା ୨୫୪୬ ଜଣଙ୍କ ମଧ୍ୟରୁ ୧୫୦୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୪୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ


▶▶ପୃଷ୍ଠା ୭





## ବର୍ଷା ସମ୍ଭାବନା କାରଣରୁ ସତର୍କ ରହିବାକୁ ଏସଆରସି ଜିଲ୍ଲାପାଳ ମାନଙ୍କୁ ଲେଖିଲେ ଚିଠି

ଭୁବନେଶ୍ୱର,୧୧।୧୦ (ନି.ପ୍ର): ରାଜ୍ୟରେ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିବା ଜଣା ପଡିଛି । ଏହି ପତ୍ରରେ ୟେଲୋ ଓ ଅରେଞ୍ଜ ୱାର୍ଣ୍ଣିଂ ଥିବା ଜିଲ୍ଲା ଗୁଡ଼ିକୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ଚିଠିରେ କୁହାଯାଇଛି । ପ୍ରବଳ ବର୍ଷା ଯୋଗୁ ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ସମ୍ଭାବନା ରହିଛି । ସେଥିପାଇଁ ସଜାଗ ରହିବାକୁ ପତ୍ରରେ ଉଲ୍ଲେଖ ରହିଛି । କେବଳ ଏତିକି ନୁହେଁ ତଳିଆ ଅଂଚଳରେ ଜଳ ନିଷ୍କାସନ ପ୍ରତି ଦୃଷ୍ଟି ଦେବାକୁ ବି ଏସଆରସି ପରାମର୍ଶ ଦେଇଛନ୍ତି ।

## ଆସନ୍ତା ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୧।୧୦ (ନି.ପ୍ର): ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆସନ୍ତାକାଲିଠାରୁ ୧୪ ତାରିଖ ଯାଏ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରକାଶ କରା ଯାଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆସନ୍ତା ୧୧ରୁ ୧୨ ତାରିଖ ମଧ୍ୟରେ କିଛି ଜିଲ୍ଲା ମାନଙ୍କରେ ବର୍ଷା ସମ୍ଭାବନାକୁ ଦେଖି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମ । ଏହି ଜିଲ୍ଲାମାନଙ୍କରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ସେହିପରି ୧୨ରୁ ୧୩ ତାରିଖ ମଧ୍ୟରେ ମାଲକାନଗିରି, ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନାକୁ


▶▶ପୃଷ୍ଠା ୭


## ବାଳିକାମାନଙ୍କ ଯଥାର୍ଥ ସାମର୍ଥ୍ୟ ଉପଲବ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୧।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆନ୍ତର୍ଜାତିକ ବାଳିକା ଦିବସ ଅବସରରେ କହିଛନ୍ତି ଯେ ସାରା ପୃଥିବୀରେ ବାଳିକାମାନେ ପ୍ରତିଦିନ ସେମାନଙ୍କର ସାହସ ଓ ଦୃଢ଼ତା ବଳରେ ସୀମା-ସରହଦ ଓ ପ୍ରତିବନ୍ଧକ ଅତିକ୍ରମ କରିପାରିଛନ୍ତି । ମୁଖ୍ୟମନ୍ତ୍ରୀ ବାଳିକାମାନଙ୍କ ଯଥାର୍ଥ ସାମର୍ଥ୍ୟ ଉପଲବ୍ଧି କରି ସେମାନଙ୍କ ଭବିଷ୍ୟତ ସମ୍ଭାବନାକୁ ସଂକୁଚିତ କରୁଥିବା ବାଧାବିଘ୍ନଗୁଡ଼ିକୁ ଦୂର କରିବା ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବାକୁ ଆହ୍ୱାନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ



ରାଜ୍ୟର ଅଙ୍ଗନବାଡ଼ିଗୁଡ଼ିକରେ ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କୁ ଜୀବନକୌଶଳ ଶିକ୍ଷା ପ୍ରଦାନପୂର୍ବକ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା 'ଅଦ୍ୱିକା' କାର୍ଯ୍ୟକ୍ରମ ପାଇଁ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୦୨୨ ହେଲା




ଭୁବନେଶ୍ୱର,୧୧।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୨୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୫ ଜଣ, ବାଲେଶ୍ୱର ଜିଲ୍ଲାର ୪ ଜଣ ଓ ଢେଙ୍କାନାଳ ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ଗଜପତି, କଳାହାଣ୍ଡିତ କେନ୍ଦ୍ରାପଡା, କୋରାପୁଟ ଓ ପୁରୀ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୪୨ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୮୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ପୀଡିତ ଥିଲେ । ବାଲେଶ୍ୱର ଜିଲ୍ଲାର ଜଣେ ୬୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । ଭୁବନେଶ୍ୱରର ୬୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ଜଣେ ୬୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୫ବର୍ଷୀୟ କୋରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ଢେଙ୍କାନାଳ ଜଣେ ୬୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଢେଙ୍କାନାଳ ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଜପତି ଜିଲ୍ଲାର ଜଣେ ୭୦ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହରେ ପୀଡିତ ଥିଲେ । କେନ୍ଦ୍ରାପଡା ଜିଲ୍ଲାର ଜଣେ ୭୪ ବର୍ଷୀୟ ପୁରୁଷ


▶▶ପୃଷ୍ଠା ୭


## ଭାରତ ତରଫରୁ ଶୋକ ସଂଦେଶ ଦେବା ପାଇଁ ଦୁଇଦିନିଆ କୁଏତ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୧୦ (ନି.ପ୍ର): କୁଏତର ସମ୍ରାଟ୍ ଶେକ୍ ସବାହ୍ ଅଲ୍-ଅହମ୍ମଦ ଅଲ୍-ଜାବେର୍ ଅଲ୍-ସବାହ୍ ଙ୍କ ବିୟୋଗାରେ ଭାରତର ଶୋକ ସଂଦେଶ ଦେବା ପାଇଁ ଅକ୍ଟୋବର ୧୧ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଦୁଇଦିନିଆ କୁଏତ ଗସ୍ତରେ ଯାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ ସଂଦେଶ ପତ୍ରକୁ କୁଏତର ନୂଆ ସମ୍ରାଟ ଶେକ୍ ନୱାଫ୍ ଅଲ୍-ଅହମ୍ମଦ ଅଲ୍-ଜାବେର୍ ଅଲ୍-ସବାହ୍ ଙ୍କୁ ପ୍ରଦାନ କରିବେ ଶ୍ରୀ ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ବିଭିନ୍ନ ବୈଠକରେ ଯୋଗ



ଦେବା ସହ, କୁଏତରେ ଥିବା ଭାରତୀୟ ସମ୍ପ୍ରଦାୟ ତଥା ଓଡ଼ିଆ ଉଦ୍ୟୋଗପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ଅବସରରେ ଶ୍ରୀ ପ୍ରଧାନ ଆସନ୍ତା ୧୨ ତାରିଖରେ କୁଏତର ନୂଆ ସମ୍ରାଟ ଶେକ୍ ନୱାଫ୍ ଅଲ୍-ଅହମ୍ମଦ ଅଲ୍-ଜାବେର୍ ଅଲ୍-ସବାହ୍ ଓ କୁଏତର ତୈଳ ମନ୍ତ୍ରୀ ଡ. ଖାଲିଦ ଅଲି ମହମ୍ମଦ ଅଲ୍-ଫାଦେଲ୍ ସହ ନିର୍ଦ୍ଧାରିତ ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ଦିଲ୍ଲୀରେ ଗତ ୨୪ ଘଂଟାରେ ୨,୭୮୦ କରୋନାର ନୂଆ ମାମଲା

ଦିଲ୍ଲୀ,୧୧।୧୦ (ନି.ପ୍ର): ଦିଲ୍ଲୀରେ ଗତ ୨୪ ଘଂଟାରେ ୨,୭୮୦ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୨୯ ଜଣଙ୍କର ମୃତ୍ୟୁ ଘଟିଛି । ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୩,୦୯,୩୩୯ ହୋଇ ଯାଇଛି । ବର୍ତ୍ତମାନ ସୁଦ୍ଧା ଏଠାରେ ୫୭୬୯ ଜଣଙ୍କର ମୃତ୍ୟୁ ଘଟିଛି।

## ରାଜ୍ୟରେ ଆଜି କରୋନାରୁ ସୁସ୍ଥ ହେଲେ ୩୩୪୨ ଆକ୍ରାନ୍ତ

### ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୧୧ ଜଣ ସୁସ୍ଥ ହେଲେ

ଭୁବନେଶ୍ୱର,୧୧।୧୦ (ନି.ପ୍ର): ଗତ ୨୪ ଘଂଟାରେ ରାଜ୍ୟରେ ମୋଟ ୩୩୪୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୧୧ ଜଣ ସୁସ୍ଥ ହୋଇଛନ୍ତି । ଏହା ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୨୭ ହଜାର ୬୧୫କୁ ବୃଦ୍ଧି ପାଇଛି । ବିଭାଗର ସୂଚନା ଅନୁସାରେ କଟକ ଜିଲ୍ଲାରୁ ଆଜି ୩୬୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ମୟୂରଭଂଜ ଜିଲ୍ଲାରୁ ୩୬୨ ଜଣ, ଅନୁଗୁଳ ଜିଲ୍ଲାରୁ ୨୮୮ ଜଣ, ଯାଜପୁର ଜିଲ୍ଲାରୁ ୧୫୫ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୩୧ ଜଣ, ବରଗଡ଼ ଜିଲ୍ଲାରୁ ୧୦୪ ଜଣ ଓ ପୁରୀ ଜିଲ୍ଲାରୁ ୧୦୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ସମ୍ବଲପୁର ଜିଲ୍ଲାରୁ ୯୩ ଜଣ, କେନ୍ଦୁଝର ଜିଲ୍ଲାରୁ ୮୯ ଜଣ, ଭଦ୍ରକ ଜିଲ୍ଲାରୁ ୮୪ ଜଣ, ବଲାଙ୍ଗୀର ଜିଲ୍ଲାରୁ ୮୨ ଜଣ, ଜଗତସିଂହପୁର ଜିଲ୍ଲାରୁ ୭୬ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୭୨ ଜଣ, ବୌଦ୍ଧ ଜିଲ୍ଲାରୁ ୬୪ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୫୩ ଜଣ ଓ ଝାରସୁଗୁଡ଼ା ଜିଲ୍ଲାରୁ ୫୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ନୟାଗଡ଼ ଜିଲ୍ଲାରୁ ଆଜି ୪୮ ଜଣ, କଳାହାଣ୍ଡି ଜିଲ୍ଲାରୁ ୪୭ ଜଣ, କନ୍ଧମାଳ ଜିଲ୍ଲାରୁ ୪୬ ଜଣ, ଗଂଜାମ, ନୂଆପଡ଼ା ଜିଲ୍ଲାରୁ ୪୨ ଜଣ ଲେଖାଏଁ, ଢେଙ୍କାନାଳ ଜିଲ୍ଲାରୁ ୪୦ ଜଣ, କୋରାପୁଟ ଜିଲ୍ଲାରୁ ୩୯ ଜଣ, ମାଲକାନଗିରି


▶▶ପୃଷ୍ଠା ୭

# ପୁରୀରେ କରୋନା ନେଲାଣି ୭୭ ଜୀବନ

ପୁରୀ,୧୧।୧୦ (ନି.ପ୍ର): ଇତି ମଧ୍ୟରେ ପୁରୀଜିଲ୍ଲାରେ ୭୭ ଜଣ କରୋନା ଆକ୍ରାନ୍ତଙ୍କ ଜୀବନ ଗଲାଣି । ମିଳିଥିବା ସୂଚନା ଅନୁଯାୟୀ ଆଜି ଚିହ୍ନଟ ୧୧୪ନୂତନ ପଜିଟିଭଙ୍କୁ ମିଶାଇ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧,୨୪୧ରେ ପହଞ୍ଚିଛି । ଚିହ୍ନଟ ପଜିଟିଭଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୦୫୭କରୋନା ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି । କେବଳ ପୁରୀ ମ୍ୟୁନିସପାଲିଟି ଅଞ୍ଚଳରେ ଚିହ୍ନଟ ୩୫୮୭ଜଣ ପଜିଟିଭଙ୍କ ମଧ୍ୟରୁ ୧୨୧ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ସେହିପରି କୋଣାର୍କ ଏନ୍ଏସିର ଚିହ୍ନଟ ୫ଜଣ ଓ ପିପିଲି ଏନ୍ଏସିର ଚିହ୍ନଟ ୮ ଜଣ ପଜିଟିଭ୍ ସୁସ୍ଥ ହୋଇଘରକୁ ଫେରିଥିବାବେଳେ ନିମାପଡ଼ା ଏନ୍ଏସିର ଚିହ୍ନଟ ୨୯ପଜିଟିଭ୍ଙ୍କ ମଧ୍ୟରୁ ୫ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ପିପିଲି ବ୍ଲକରେ ୭୯୫ଜଣ କରୋନା ପଜିଟିଭଙ୍କୁ ଚିହ୍ନଟ କରାଯାଇଥିବାବେଳେ ୧୨୨ ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ସେହିପରି ଡେଲାଙ୍ଗ ବ୍ଲକରେ ୨୮୪ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ,କଣାସ ବ୍ଲକରେ ୫୩୬ଟି ପଜିଟିଭ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୯ଜଣ ଓ ସତ୍ୟବାଦୀ ବ୍ଲକରେ ୭୪୬ଟି ପଜିଟିଭ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୪ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ବ୍ରହ୍ମଗିରିର ଚିହ୍ନଟ ୭୭୫ପଜିଟିଭଙ୍କ ମଧ୍ୟରୁ ୧୦୧ ଓ ପୁରୀସଦର ବ୍ଲକରୁ ଚିହ୍ନଟ ୧୨୭୦ପଜିଟିଭ ମଧ୍ୟରୁ ୧୩୯ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତ । ଗୋପ ବ୍ଲକରେ ୬୮୬ଚିହ୍ନଟ ପଜିଟିଭଙ୍କ ମଧ୍ୟରୁ ୧୦୧ଜଣ, କାକଟପୁର ବ୍ଲକର ଚିହ୍ନଟ ୭୦୧ପଜିଟିଭଙ୍କ ମଧ୍ୟରୁ ୫୬ ଜଣ ଓ ନିମାପଡ଼ା ବ୍ଲକରେ ଚିହ୍ନଟ ୭୯୧ପଜିଟିଭଙ୍କ ମଧ୍ୟରୁ ୪୭ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ସେହିପରି ଅସ୍ତରଙ୍ଗ ବ୍ଲକରେ ଚିହ୍ନଟ ୭୬୦ଜଣ ପଜିଟିଭଙ୍କ ମଧ୍ୟରୁ ୨୫୧ଜଣ, କୃଷ୍ଣପ୍ରସାଦ ବ୍ଲକରେ ୨୬୮ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଥିବା ଜଣାଯାଇଛି ।

# ୬୦ ବର୍ଷର ବୃଦ୍ଧ ଭିନ୍ନକ୍ଷମ ସୁଦାମଙ୍କୁ ଏଯାଏଁ ମିଳିନି ରାସନକାର୍ଡ

କନ୍ଧମାଳ,୧୧।୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶୀନିପଦର ପଚଂାୟତ ମାଝିପଡା ଗ୍ରାମର ସୁଦାମ ଦିଗାଳ(୬୦) । ଜନ୍ମରୁ ଭିନ୍ନକ୍ଷମ । ଶାରୀରିକ ସହାୟତା କହିଲେ ମିଳିଛି ବିକଳାଙ୍କ ଭତା । ତାଙ୍କର ଆଗ ପଛରେ ଆଉ କେହି ନଥିବା ବେଳେ କେବଳ ଏହି ଭତା ଟଙ୍କା ହିଁ ତାଙ୍କର ଏକମାତ୍ର ସହାୟତା ସେଥିରେ ହିଁ ଜୀବନ ବିତାଉଛନ୍ତି । ମାଝିପଡା ଗାଁ ରେ ଏକ ଭଙ୍ଗା ଦଦରା ଝାଟିମାଟି କୁଡିଆରେ ରହିଆସୁଛନ୍ତି ଏହି ବୃଦ୍ଧ ଜଣକ । ସବଠାରୁ ପରିତାପର ବିଷୟ ଏହି ବୃଦ୍ଧ ଜଣକ ବହୁବାର ଖାଦ୍ୟସୁରକ୍ଷା ଯୋଜନାରେ ନିଜକୁ ସାମିଲ୍ କରିବା ପାଇଁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଆବେଦନ କରିଛନ୍ତି । ତାଙ୍କୁ ଏପର୍ଯ୍ୟନ୍ତ ଏହି ଖାଦ୍ୟସୁରକ୍ଷା ଯୋଜନାରେ ସାମିଲ କରାଯାଇନାହିଁ । ଅନେକ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି ହେଲେ ସୁଦାମଙ୍କ ଭଳି ଜଣେ ଭିନ୍ନକ୍ଷମ ବୃଦ୍ଧ ଏଥିପାଇଁ ଯୋଗ୍ୟ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ସାମିଲ୍ ହୋଇ ପାରିନାହାନ୍ତି ଖାଦ୍ୟ ସୁରକ୍ଷା ଯୋଜନାରେ । ଏହାକୁ ବିଭାଗର କର୍ମଚାରୀ ମାନଙ୍କର ଅଣଦେଖା ବୋଲି କହିଛନ୍ତି ସ୍ଥାନୀୟ ଲୋକେ । ବ୍ଲକ ଠାରୁ ପଂଚାୟତ ପର୍ଯ୍ୟନ୍ତ ସବୁଠିକୁ ବାରମ୍ବାର ଦୌଡିଥିଲେ ମଧ ରାସନ କାର୍ଡ ଖଣ୍ଡେ ମଧ ପାଇ ପାରି ନାହାନ୍ତି ସୁଦାମ । ଅନ୍ୟପଟେ ଏହି କାଶୀନିପଦର ପଚଂାୟତରେ ଅନେକ ଧନିକ ଶ୍ରେଣୀର ବ୍ୟକ୍ତି ରାସନକାର୍ଡ଼ ପାଇପାଇଛନ୍ତି । ଯାହାକି ତଦନ୍ତ ସାପେକ୍ଷ । ହେଲେ ଏହି ଭିନ୍ନକ୍ଷମଙ୍କ ପାଇଁ ସରକାରୀ ଅଧିକାରୀ କିମ୍ବା ରାଜନେତା କାହାର ମଧ ନିଘାନାହିଁ । କନ୍ଧମାଳ ଜିଲ୍ଲାର ଏହି ଫିରିଙ୍ଗିଆ ବ୍ଲକରେ ଯୋଗାଣ ବିଭାଗ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ବିଭିନ୍ନ ବର୍ଗର ଲୋକଙ୍କୁ ରାସନ କାର୍ଡ ପ୍ରଦାନ କରୁଛନ୍ତି । କିନ୍ତୁ, ସୁଦାମ ଦିଗାଳଙ୍କ କ୍ଷେତ୍ରରେ ଯୋଗାଣ ବିଭାଗର ଏକି ଅବିଚାର ବୋଲି ସ୍ଥାନୀୟ ଜନସାଧାରଣ ମତ ଦେଇଛନ୍ତି । ଅଭିଯୋଗ ପ୍ରକାରେ, କାଶୀନିପଦର ପଚଂାତୟରେ କାର୍ଯ୍ୟରତ ଯୋଗାଣ ସାହାୟକ ପ୍ରିୟାପ୍ରତି ତୋଷଣ କରି ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ଭାବେ ସାମିଲ୍ କରିବାରେ ସଫଳ ହୋଇଥିଲେ ମଧ ଯୋଗ୍ୟ ଭାବେ ହାତ ଗୁଞ୍ଜା ଦେଇ ପାରୁନଥିବା ଯୋଗୁଁ ସେମାନେ ଯୋଗ୍ୟ ଥାଇ ସୁଦ୍ଧା ଅଯୋଗ୍ୟ ପାଲଟିଛନ୍ତି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଜନ୍ମରୁ ଭିନ୍ନକ୍ଷମ ବୃଦ୍ଧ ସୁଦାମ । ପଂଚାୟତରେ ଯୋଗାଣ ସହାୟକଙ୍କ ମନମୁଖୀ କାର୍ଯ୍ୟକଳାପ ବାବଦରେ ଅନେକ ସମୟରେ ଅଭିଯୋଗ ହେଉଥିଲେ ମଧ ବ୍ଲକ୍ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କେହି ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହାସ କରିପାରୁନଥିବା ପଛରେ କ'ଣ କାରଣ ରହିଛି ତାହା ମଧ ତଦନ୍ତ ସାପେକ୍ଷ । ଅନ୍ୟପଟେ ଆଜି ପର୍ଯ୍ୟନ୍ତ କାହିଁକି ଏହି ଭିନ୍ନକ୍ଷମ ବୃଦ୍ଧ ଜଣକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ୍ କରାଯାଇ ପାରିନାହିଁ ତାହାର ବିଧିବଧ ଭାବେ ତଦନ୍ତ କରିବା ସହିତ ଅସହାୟଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ୍ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦ୍ରାପଡ଼ା,୧୧।୧୦ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି । କୋଭୀଡ-୧୯ କଟକଣାକୁ ପାଳନ କରି ଗୁଗୁଲ ମିଟ୍ ଫର୍ମାଟ୍‌ରେ ଅନଲାଇନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଇନ ସେବା ପ୍ରାଧିକରଣରେ ଜିଲ୍ଲା ଅଧକ୍ଷ ତଥା ମାନ୍ୟବର ଜିଲ୍ଲା ଦୌରାଜଜ ବାସୁଦେବ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚିବ ମଳୟ କୁମାର ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ନିମାଇଁ ଚରଣ ମାନସିକ ସ୍ୱସ୍ଥ୍ୟ ସଂସ୍ଥାର ଅଧକ୍ଷ ସ୍ୱାପ୍ନାଂଶୁ ଦାସ ଅତିଥି ଭାବେ ଯୋଗଦେଇ ଆକ୍ରାନ୍ତ ବ୍ୟକ୍ତି ମାନଙ୍କ ଚିକିତ୍ସା ଓ ଆଇନ ଗତ ସହାୟତା ପ୍ରଦାନ ସଂପର୍କରେ ଆଲୋଚନା କରିଥିଲେ ।

## ନିଷ୍ଟ ମ୍ୟାନେଜମେଂଟକୁ ନେଇ ଉତେଜନା, ଥାନାରେ ମାମଲା

ଗଞ୍ଜାମ,୧୧।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପଖଣ୍ଡ ପାଲୁର ହିଲ୍ ଠାରେ ଥିବା ନିଷ୍ଟ ବୈଷୟିକ ଶିକ୍ଷାନୁଷ୍ଠାନରେ ପରିଚାଳନାକୁ ନେଇ ଉତେଜନା ସୃଷ୍ଟି ହୋଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ପଡ଼ୋଶୀ ରାଜ୍ୟରୁ ଏଠାରେ ଇଞ୍ଜିନିୟରିଂ ପାଠ ପଢିବା ପାଇଁ ନାମ ଲେଖାଉଥିବା ଛାତ୍ରଛାତ୍ରୀ ମାନେ କଲେଜରେ କର୍ତୃପକ୍ଷଙ୍କ ଏଭଳି ଦୃଶ୍ୟ ଦେଖି ଭୟଭିତ ହୋଇପଡିଛନ୍ତି । ଶିକ୍ଷାନୁଷ୍ଠାନରେ ପିଲାଙ୍କ ଭବିଷ୍ୟତକୁ ଛାଡି ମ୍ୟାନେଜମେଂଟକୁ ନେଇ ହୋଇଥିବା ଗଣ୍ଡଗୋଳ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ନିୟମିତ ନିଷ୍ଟ କ୍ୟାମ୍ପସ୍ ରେ ଉତେଜନାତ୍ମକ ପରିସ୍ଥିତି ଜାରୀ ରହୁଥିବା ଫଳରେ ଛାତ୍ର ଛାତ୍ରୀଙ୍କ କଲେଜ ପ୍ରତି ବିମୁଖତା ପ୍ରକାଶ ପାଇଛି । ଗତ ଗୁରୁବାର ଦିନ ମ୍ୟାନେଜମେଂଟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଚାପା ଉତେଜନା ଦେଖାଦେଇଛି । ନୂତନ ସିକ୍ୟୁରିଟି ସଂସ୍ଥା ନିୟୋଜନ ସହ କର୍ମଚାରୀଙ୍କୁ କ୍ୟାମ୍ପସ୍ ପରିସରକୁ ନଛାଡିବାରୁ ଉତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି । ଏନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି । ଅଭିଯୋଗ ପ୍ରକାରେ ଅନୁଷ୍ଠାନର ଅଧକ୍ଷ ସଂଗ୍ରାମ ମୁଦୁଲି ଓ କିଛି ନୂତନ ସିକ୍ୟୁରିଟି ସଂସ୍ଥାକୁ ନେଇ କ୍ୟାମ୍ପସ୍ ଗେଟ୍ ରେ ପହଂଚି ସେଠାରେ ପୂର୍ବରୁ ନିୟୋଜିତ ସିକ୍ୟୁରିଟିଙ୍କୁ ସେଠାରୁ ବାହାର ଦେଇଥିଲେ । ମୁଖ୍ୟ ଫାଟକ ସମ୍ମୁଖସ୍ଥ ସିକ୍ୟୁରିଟି ଅଫିସ୍ କୋଠରି ଓ ରିସପସେନ ଅ ଫିସ କୋଠରୀର ତାଲାଭାଙ୍ଗି ସେଠାରେ ଥିବା ଅନୁଷ୍ଠାନର ସମସ୍ତ ଚାବି ନେଇ ଯାଇଥିଲେ । ଏହା ଜାଣିବା ପରେ ଅନୁଷ୍ଠାନର କର୍ମଚାରୀ ଓ ଶିକ୍ଷକ ଫାଟକ ସମ୍ମୁଖରେ ପହଂଚିଥିଲେ । କିନ୍ତୁ ଫାଟକରେ ନିୟୋଜିତ ନୂତନ ସିକ୍ୟୁରିଟି ଗାର୍ଡ଼ ମାନେ କର୍ମଚାରୀ ମାନଙ୍କୁ ଭିତରକୁ ଛାଡି ନଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ମାଡପିଟ୍ ହୋଇଥିଲା । ଘଟଣା ସମ୍ପର୍କରେ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଛି । ଥାନାରେ ଉଭୟଙ୍କ ଅଭିଯୋଗକୁ ଗ୍ରହଣ କରାଯାଇଛି ବୋଲି କହିଛନ୍ତି ସଦର ଏସଡିପିଓ ଜୟନ୍ତ କୁମାର ମହାପାତ୍ର ।

## ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଶୋକସଭା

କୋରେଇ,୧୧।୧୦ (ନି.ପ୍ର): ପାଣିକୋଇଲି ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଆଜି ସ୍ୱର୍ଗତ ବାବାଜି ଚରଣ ସାହୁଙ୍କ ସ୍ମୃତି ଉଦ୍ଦେଶରେ ତାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତି ଚାରଣ ଶୋକସଭା ମା ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ୰ ସାହୁ କେବଳ ବରିଷ୍ଠ ନାଗରିକ ମଂଚର ସଦସ୍ୟ ନଥିଲେ ସେ ପାଣିକୋଇଲି ଗଣେଷ ବଜାର କମିଟିର ଦୀର୍ଘଦିନ ଧରି ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ । ୰ ସାହୁଙ୍କ ସ୍ମୃତି ଚାରଣ ସହ ତାଙ୍କ ଅମରଆତ୍ମାର ସଦଗତି ଦେବା ସହ ଶୋକ ସନ୍ତପ୍ତ ପରିବାକୁ ସମବେଦନା ଜଣାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୂର୍ଯ୍ୟମଣି ପଣ୍ଡା, ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, କୋଷାଧ୍ୟକ୍ଷ ବୈଷ୍ଣବ ସାହୁ, ଅଦୈତ୍ୟ ଚରଣ ଦାଶ, ରାମ ଚନ୍ଦ୍ର ବେହେରା, ସତ୍ୟାନନ୍ଦ ମହାରଣା, ନାରାୟଣ ସାହୁ, ଗୋକୁଳାନ୍ଦ ମହାରଣା, ଦୁଃଶାସନ ପହୀ ପ୍ରମୁଖ ସ୍ମୃତି ଚାରଣ କରିଥିଲେ ।

# ଗୁଣିଗାରେଡି ସନ୍ଦେହରେ ହତ୍ୟା ଘଟଣା ରେ ୫ ଗିରଫ

ମାଲକାନଗିରି,୧୧।୧୦ (ନି.ପ୍ର): ମାଲକାନାଗିରି ଜିଲ୍ଲା ପଡିଆ ବ୍ଲକ କାଲଦାପଲ୍ଲୀ ପଂଚାୟତ ଅନ୍ତର୍ଗତ ଦୁର୍ଗମ ଉଦୟଗିରି ଗ୍ରାମରେ ଗୁଣି ଗାରେଡ଼ି କରୁଥିବା ସନ୍ଦେହ କରି ବାଗା କାବାସୀ ନାମକ ଜଣେ ଲୋକ କୁ ସ୍ଥାନୀୟ ଅଂଚଳର କିଛି ଲୋକ ମାରିଦେବା ସହ ପ୍ରମାଣ ନଷ୍ଟ କରିବା ପାଇଁ ଶବକୁ ପାଖରେ ଥିବା ବଣକୁ ନେଇ ପୋଡି ଦେଇଥିଲେ । ଏଥିପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଲୋକଙ୍କୁ ଉଠାଇ ଥାନା କୁ ଆଣି ପଚରାଉଚୁରା କରିବା ପରେ ଆଜି ଦୁଇ ମୁଖ୍ୟ ଆସାମୀ ସମେତ ମୋଟ ପାଂଚଜଣଙ୍କୁ କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଗତ ଏକ ବର୍ଷ ମଧରେ ଅଭିଯୁକ୍ତ ଗଙ୍ଗା ପଡିଆମି ର ମା ଓ ଭୀମା କାରାମ ର ବାପା ଙ୍କୁ ସେହି ଗ୍ରାମର ବାଗା କାବାସୀ ଗୁଣିଗାରେଡ଼ି କରି ମାରିଦେଇଥିବା ସନ୍ଦେହ କରିଥିଲେ । ଗତ ବୁଧବାର ଦିନ ପ୍ରାୟ ୨ ଟା ବେଳେ ଅଭିଯୁକ୍ତ ଦୁଇଜଣ ମୃତ ବାଗା କାବାସୀ ଙ୍କ ଘରକୁ ଆସି ଏକ ଲାଠି ଓ ଦୌଡ଼ି ସାହାଯ୍ୟରେ ମାରିବାକୁ ଚେଷ୍ଟା କରିଥିଲେ । ଏଥିସହ ଗଙ୍ଗା ପଡିଆମି ଏକ କୁରାଢ଼ି ସାହାଯ୍ୟରେ ବାଗା ର ମୁଣ୍ଡ ଓ ବେକକୁ ପ୍ରହାର କରିବାରୁ ସେଠାରେ ହିଁ ବାଗା ର ମୃତ୍ୟୁ ହୋଇଥିଲା । ଏହାପରେ ପ୍ରମାଣ ନଷ୍ଟ କରିବା ପାଇଁ ଅନ୍ୟକିଛି ସହଯୋଗୀଙ୍କ ସହ ଉଭୟ ବାଗା ର ମୃତ ଶରୀର କୁ ଗ୍ରାମ ନିକଟସ୍ତ ମଶାଣିରେ ପୋଡ଼ି ଦେଇଥିଲେ । ତେବେ ଗତ ବୁଧବାର ରାତିରେ ମୃତ ବାଗା ର ସ୍ତ୍ରୀ ପଡିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପଡିଆ ଥାନାରେ କେସ୍ ନଂ ୪୩ / ୨୦, ଧାରା ୩୦୨/୨୦୧ /୩୪ ଆଇ ପି ସି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରହିଥିଲା । ତଦନ୍ତ ରେ ପୋଲିସ ମୁଖ୍ୟ ଆସାମୀ ସମେତ ଅନ୍ୟ ୩ ଜଣ ସହଯୋଗୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ହତ୍ୟା ବେଳେ ବ୍ୟବହୃତ କୁରାଢ଼ି ମଧ ଜବତ କରାଯାଇଥିବା ଜଣାପଡିଛି । ଆଜି ସମସ୍ତ ଅଭିଯୁକ୍ତଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ପଡିଆ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି ।

# କେନ୍ଦୁଝର ଜିଲ୍ଲାରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପଦୋନ୍ନତି ତାଲିକାର ନୀରପେକ୍ଷତା ଉପରେ ଉଠିଲା ପ୍ରଶ୍ନ

କେନ୍ଦୁଝର,୧୧।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଚୁଡାନ୍ତ ପଦୋନ୍ନତି ତାଲିକା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରକାଶ ପାଇଥିଲେ ମଧ୍ୟ ଏହାର ନୀରପେକ୍ଷତା ସେମାନଙ୍କୁ ସନ୍ତୁଷ୍ଟ କରିପାରି ନଥିବା ଜଣାପଡିଛି । ତେବେ ଏହି ତାଲିକା ରେ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଂଚିତ ହୋଇଥିବା କାରଣରୁ ଏହି ତାଲିକାକୁ ସଂଶୋଧନ କରି ପଦୋନ୍ନତିରୁ ବଂଚିତ ହୋଇଥିବା ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି । କିନ୍ତୁ ପ୍ରକାଶ ପାଇଥିବା ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ସେମାନେ କହିଛନ୍ତି । ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବା କଥା । ଏବଂ କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ, ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟ ଭିତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ, ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା । କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି । ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଂଚିତ ହୋଇଛନ୍ତି । ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନ ଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ, ବିଇଓ, ଏବିଇଓ, ପ୍ରଧାନ ଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ମଧ୍ୟ ନାହିଁ । ପ୍ରଧାନ ଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ସ୍ୱାଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଅନୁମତି ପତ୍ରକୁ ରଦ୍ଦ କରା ନ ଯାଇ କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ ବୋଲି ଅନେକ ମତ ପ୍ରକାଶ କରିଛନ୍ତି । ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବଂଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକ ମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅନୁରୋଧ କରିଛନ୍ତି ।

## ମୃତ୍ୟୁ ଏମିତି ବି ଆସେ: ସାନ୍ଧ୍ୟ ଭ୍ରମଣରେ ଯାଇ ହୃତଘାତରେ ପରଲୋକ

ନୂଆପଡା,୧୧।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ନିବାସୀ ଦିଲ୍ଲୀପ ମୁଣ୍ଡ ସାନ୍ଧ୍ୟ ଭ୍ରମଣରେ ଯାଇ ଆଉ ଘରକୁ ଫେରିନଥିଲେ । ତାଙ୍କର ବାଟରେ ହୃତଘାତରେ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ସୂଚନାମତେ ଖଡିଆଳ ଉଠା ଜଳସେଚନ କାର୍ଯ୍ୟାଳୟରେ କାର୍ଯ୍ୟରତ ଦିଲ୍ଲୀପ ମୁଣ୍ଡ (୫୯) ଶୁକ୍ରବାର ସଂଧ୍ୟା ସମୟରେ ଘରୁ ଚାଲି ଚାଲି ସାନ୍ଧ୍ୟ ଭ୍ରମଣରେ ବାହାରିଥିଲେ । ହେଲେ ହଟାତ ରାସ୍ତାରେ ହୃତଘାତ କାରଣରୁ ଟଳି ପଡିଥିଲେ । ପରିବାର ଲୋକେ ସ୍ଥାନୀୟ କ୍ଲିନିକକୁ ନେଲା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଶ୍ରୀ ମୁଣ୍ଡ ଆଉ ୪ ମାସ ପରେ ଚାକିରିରୁ ଅବସର ଗ୍ରହଣ କରିଥାନ୍ତେ । କିନ୍ତୁ ବିଧିର ବିଧାନ ବଡ ବିଚିତ୍ର । ସାନ୍ଧ୍ୟ ଭ୍ରମଣରେ ବାହାରିଥିବା ବ୍ୟକ୍ତିଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ଶ୍ରୀ ମୁଣ୍ଡଙ୍କ ମୃତ୍ୟୁରେ ସ୍ଥାନୀୟ ଅ ଳରେ ଶୋକାକୂଳ ପ୍ରକାଶ ପାଇଛି । ତାଙ୍କର ପତ୍ନୀ, ୨ ପୁଅଝିଅ ଅଛନ୍ତି । ପରିବାର ଲୋକେ ଦାହ ସଂସ୍କାର କରିଥିବା ସୂଚନା ମିଳିଛି ।

# ତିତିଲି ବାତ୍ୟାରେ ଅନାଥ ପିଲାଙ୍କୁ ଭେଟିଲେ ଜିଲ୍ଲାପାଳ

ପାରଳାଖେମୁଣ୍ଡି,୧୧।୧୦ (ନି.ପ୍ର): ତିତିଲି ବାତ୍ୟାକୁ ଦୁଇ ବର୍ଷ ପୁରିବାକୁ ଯାଉଥିବା ବେଳେ ସେହି ବାତ୍ୟାରେ ନିଜର ବାପା ମାଆଙ୍କୁ ହରାଇ ଅନାଥ ହୋଇଥିବା ୫ ଜଣ ପିଲାଙ୍କୁ ଆଜି ଗଜପତି ଜିଲ୍ଲାପାଳ ଅନୁପମ୍ ସାହା ଭେଟିବା ସହ ସେମାନଙ୍କ ସହିତ ଏକ ଘଂଟା କଟାଇଥିଲେ । ପ୍ରକାଶ ଥାଉ କି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିତିଲି ବାତ୍ୟା ପରେ ଘୋଷଣା କରିଥିଲେ ଯେ, ଅନାଥ ହୋଇଥିବା ପିଲାଙ୍କୁ ସରକାର ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବେ । ଏହା ପରେ ଗଜପତି ଜିଲ୍ଲା ପ୍ରଶାସନ ସେହି ପିଲାମାନଙ୍କୁ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରାଇଥିଲେ । ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ୬ ଜଣ ପୁଅ ବିବେକାନନ୍ଦ ଆବାସିକ ବିଦ୍ୟାଳୟ (ଶିଶୁ ଯତ୍ନ ଓ ସୁରକ୍ଷା ଅନୁଷ୍ଠାନ), ଗ୍ରାମ -ଏସ. ଉରୁଡ଼ା, ପଚାଂୟତ ରମ୍ଭା ଗୋଷାଣି ପଚାଂୟତ ସମିତିରେ ରହି ଆସୁଥିବା ବେଳେ ଗୋଟିଏ ଝିଅ ନବଜୀବନ ବ୍ଲାଇଣ୍ଡ ଏଣ୍ଡ ରିଲିଫ୍ କେନ୍ଦ୍ର ପାରଳାଖେମୁଣ୍ଡିରେ ରହି ଆସୁଛନ୍ତି । ଏହି ପିଲାମାନଙ୍କର ଖାଇବା, ରହିବା, ପଢ଼ିବା, ପିନ୍ଧିବା ଏବଂ ଯାବତୀୟ ଖର୍ଚ୍ଚ ରାଜ୍ୟ ସରକାର ତୁଲାଇ ଆସୁଛନ୍ତି । ଜିଲ୍ଲାପାଳ ଏହି ଗସ୍ତ ସମୟରେ ପିଲାଙ୍କୁ ମିଠା ବାଂଟିବା ସହ ସେମାନଙ୍କ ଗହଣରେ ବସି ମିଠା ଖାଇଥିଲେ । ପରବର୍ତି ସମୟରେ ଜିଲ୍ଲାପାଳ ପିଲା ମାନଙ୍କ ସହିତ କ୍ରିକେଟ୍ ଓ ବ୍ୟାଡମିଂଟନ ଖେଳିଥିଲେ । ପ୍ରତି ପିଲାମାନଙ୍କର ଭଲ ମନ୍ଦ ପଚାରି ବୁଝିବା ସହିତ ପାଠପଢ଼ା ଏବଂ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ । ତିତିଲି ବାତ୍ୟାରେ ଅନାଥ ହୋଇଥିବା ଗୋଟିଏ ପିଲା ସୀମାଂଚଳ ଶବର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରବେଶ ପରୀକ୍ଷା ଦେଇ ଏକ ସିଟ୍ ପାଇଥିବା ଶୁଣି ଜିଲ୍ଲାପାଳ ଖୁସିବ୍ୟକ୍ତ କରିଥିଲେ । ପିଲା ମାନଙ୍କ ପାଇଁ ବ୍ୟାଡ଼ମିଂଟନ ଖେଳର ସାମଗ୍ରୀ, କ୍ରିକେଟ୍ ଖେଳ ସାମଗ୍ରୀ, ସୋଲାର ଲାଇଟ୍ ଯୋଗାଣ କରିବା ସହ ଆବଶ୍ୟକ ଥିବା ପାଚେରୀ ତିଆରି କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଯାହାକି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାରୀ କରାଯାଇଥିବା ଏକ ପ୍ରେସ ବିଜ୍ଞପ୍ତିରୁ ସୂଚନା ମିଳିଛି ।

## ସ୍ୱୟଂ ସହାୟକ ଗୋଷ୍ଠୀର ସଫେଇ ଓ କରୋନା ସଚେତନତା

ନୂଆପଡା,୧୧।୧୦ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ କାପସି ଗାଁର ଓମ ସାଇ ରାମ ଏବଂ ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସଫେଇ କରିବା ସହ କରୋନା ସଚେଚତନା ପଦଯାତ୍ରା କରିଥିଲେ । ସେମାନେ ପ୍ରଥମେ କାପସି ଠାରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିସରରେ ଥିବା ଅନାବନା ଗଛଲତାକୁ ସଫା କରିବା ସହ ଅଳିଆ ଆବର୍ଜନାକୁ ସଫେଇ କରିଥିଲେ । ପରେ ୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମିଶି କରୋନା ସଚେତନତା କରିଥିଲେ । ଏହି ଅବସରରେ ମାକ୍ସ ବ୍ୟବହାର କରିବା, ସାମାଜିକ ଦୂରକ୍ଷା ରକ୍ଷା କରିବା, ବାରମ୍ବାର ସାବୁନରେ ହାତ ଧୋଇବା, କାମ ନଥିଲେ ଘରୁ ନବାହାରିବା ଭଳି ନାରା ମାନ ଦେଇ ଗାଁ ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ କାପସି ଗାଁର ମାଁ ଠାକୁରାଣୀ ଆଜାଦ କ୍ଲବର ସଦସ୍ୟ ମାନେ ସହଯୋଗ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ଏଭଳି କାର୍ଯ୍ୟକ୍ରମକୁ ଲୋକେ ପ୍ରଶଂସା କରିଥିଲେ ।

## ଆରଏସପିରେ କୋଭିଡ ମୃତ୍ୟୁ ସଂଖ୍ୟା ୬ରେ ପହଁଚିଲା

ରାଉରକେଲା,୧୧।୧୦ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାରେ ଏବେ ଅଫିସର ଓ କର୍ମଚାରୀ ମାନେ କରୋନା ଆକ୍ରନ୍ତ ହୋଇ ଚିକିତ୍ସା ହେଉଥିବା ବେଳେ ପୁଣି ଆଜି ଜଣଙ୍କର ମୃତ୍ୟୁ ଘଟିଛି । ତାଙ୍କ ନାମ ଚନ୍ଦ୍ରକାନ୍ତ ସରକାର ସେ ସିପିପି ୧ ରେ କାର୍ଯ୍ୟରତ ଥିଲେ । ତାଙ୍କର ଆଜି ଭୁବନେଶ୍ୱରରେ ଏକ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଥିବା ନେଇ ଶ୍ରମିକ ସଂଗଠନର ବିଏମଏସ ର ଜଣେ ନେତା କହିଥିବା ବେଳେ ଏହାକୁ ଆରଏସପି ଲୋକସଂପର୍କ ବିଭାଗ ମଧ ସ୍ୱୀକାର କରିଛି । ଏହି ମୃତ୍ୟୁକୁ ନେଇ ଆରଏସପିରେ କୋଭିଡରେ ୬ଜଣଙ୍କର ଇତି ମଧରେ ମୃତ୍ୟୁ ହୋଇଥିବା ଜଣା ପଡିଛି । ତେବେ ଏଭଳି ମୃତ୍ୟୁ ପରେ ଆରଏସପି ଏହି କର୍ମଚାରୀ ମାନଙ୍କ ପରିବାରର ଜଣଙ୍କୁ ଚାକିରୀ ଦେବାକୁ ବିଭିନ୍ନ ଶ୍ରମିକ ସଂଗଠନ ମାନେ ଦାବି କରିଆସୁଛନ୍ତି । ଏନେଇ ହୁଏତ ଆଗାମୀ ଏନଜେସିଏସ ବୈଠକରେ ଆଲୋଚନା ହୋଇପାରେ ବୋଲି ଆଶାକରାଯାଉଛି । କାରଣ ବହୁ କର୍ମଚାରୀ ଅଳ୍ପ ବୟସରେ କୋଭିଡରେ ନିଜ ପ୍ରାଣ ହରାଉଛନ୍ତି । ଅନ୍ୟ ପକ୍ଷରେ ସେଲ କର୍ମଚାରୀ ମାନଙ୍କ ଲାଗି ଚାକିରୀ କାଳ ଭିତରେ ମୃତ୍ୟୁ ହେଲେ ବିଭିନ୍ନ ସୁବିଧା ସେମାନଙ୍କ ପରିବାରକୁ ମିଳିଥାଏ ବୋଲି ଲୋକ ସଂପର୍କ ବିଭାଗ ଅଧିକାରୀ ଧୀରେନ୍ଦ୍ର ମିଶ୍ର ସୁଚନା ଦେଇଛନ୍ତି । ସେମାନଙ୍କ ପରିବାରକୁ ମୃତ କର୍ମଚାରୀଙ୍କର ଚାକିରୀ ଥିବା ତାରିଖ ଯାଏ ଏହି ସବୁ ସୁବିଧା ମିଳିଥାଏ ବୋଲି ସେ ସୁଚନା ଦେଇଛନ୍ତି । ମୃତ୍ୟୁପରେ ସୁବିଧା ମିଳିବା ଭଲକଥା, କିନ୍ତୁ ଆରଏସପି କର୍ମଚାରୀ ମାନଙ୍କୁ ନିୟମିତ ସଚେତନ କରାଇବା ସହ ବିଭିନ୍ନ ଅଂଚଳକୁ ସାନିଟାଇଜ କରିବା ଆବଶ୍ୟକ । କାରଣ ଅନେକ କଲର୍ମଚାରୀ ନିକଟରେ ଆକ୍ରାନ୍ତ ହେବା ସହ ଖୋଦ ଆରଏସପି ସିଇଓ ମଧ ଏଥିରେ ଆକ୍ରାନ୍ତ ହୋଇ ଥିଲେ ବୋଲି ସେ ସୁଚନା ଦେଇଥିଲେ ।

# କେନ୍ଦ୍ରୀୟ ନେତା ଚେଲ୍ଲାକୁମାରଙ୍କୁ ଭେଟିବା ପରେ ଏବେ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ପଦକୁ ନେଇ କଥା ଉଠୁଛି ପଡୁଛି, କିଏ ନେବେ ନେତୃତ୍ୱ ?

ରାଉରକେଲା,୧୧।୧୦ (ନି.ପ୍ର): ନିକଟରେ ରାଜ୍ୟ କଂଗ୍ରେସର ଦାୟିତ୍ୱ କେନ୍ଦ୍ରୀୟ ନେତା ଡାକ୍ତର ଚେଲ୍ଲାକୁମାର ନେବା ପରେ ତାଙ୍କର ଓଡିଶା ଗସ୍ତ ବେଳେ ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାରୁ ତାଙ୍କୁ ଭେଟିବା ଲାଗି ଅନେକ ନେତା ଯାଇଥିବା ବେଳେ ଅନେକଙ୍କୁ ତାଙ୍କର ଦେଖା ମିଳିନଥିବା ବେଳେ ପୂର୍ବତନ ବିଧାୟକ ତଥା ସାଂସଦ ପ୍ରାର୍ଥୀ ଜର୍ଜ ତିର୍କୀ ଓ ତାଙ୍କ ପୁଅ ତଥା ଶ୍ରୀ ତିର୍କୀଙ୍କୁ ଭେଟି ଚେଲ୍ଲାକୁମାର ଅନେକ ସମୟ ଆଲୋଚନା କରିବା ପରେ ଏବେ ଜିଲ୍ଲାରେ କଂଗ୍ରେସ ଦଳର ସଭାପତି ଆଶାୟୀ ମାନଙ୍କ ଭିତରେ ଆଲୋଚନା ଜୋର୍ ଧରିଛି । କିଏ ହେବ, କିଏ ବାଦ୍ ପଡିବ ଜିଲ୍ଲା ସଭାପତି ପଦରୁ, ସେ ନେଇ ଏବେ କଥା ଉଠୁଛି ପଡୁଛି । ସବୁଠୁ ବଡ କଥା ହେଲା ରାଉରକେଲାରେ ବିଗତ ନିର୍ବାଚନ ପରେ କଂଗ୍ରସ ଏକ ପ୍ରକାର ଦୁଇ ଭାଗ ହୋଇ ଚାଲିବା ସହ ଆଜି ଗୋଟିଏ ଦଳ ଗୋଟାଏ ପ୍ରସଙ୍ଗ ନେଇ ଆନ୍ଦୋଳନ କରିବା ପରେ ପରେ ଆଉ ଏକ ଦିନ ଅନ୍ୟ ଏକ ଗୋଷ୍ଠୀ ଭିନ୍ନ ଏକ ସମସ୍ୟା ନେଇ ଆନ୍ଦୋଳନ କରିବା ଦେଖାଯାଇଛି । ଏହାଦ୍ୱାରା ଦଳ ସିନା ଦୁଇ ଭାଗ ହୋଇ କାମ କଲେ କିନ୍ତୁ ରାଉରକେଲା ବାସୀଙ୍କ କଥାକୁ ଏକ ମାତ୍ର କଂଗ୍ରେସ ଦଳ କେବଳ ଉଠାଉଛି ବୋଲି ଆଜିବି ଲୋକେ ଆଲୋଚନା କରୁଛନ୍ତି । ଏହା ଦ୍ୱାରା ଦଳର ସ୍ଥିତି ମଧ ଭଲ ଦିଗକୁ ଯାଉଥିବା କୁହାଯାଉଛି । ଏହି ଦଳ ଭିତରେ ଦେଖାଯାଏ ସାଂସଦ ପ୍ରାର୍ଥୀ ଜର୍ଜ, ତାଙ୍କ ପୁଅ ରୋହୀତ ଯୋସେଫ ତିର୍କୀ, ବିଧାୟକ ପ୍ରାର୍ଥୀ ବୀରେନ ସେନାପତି, ବାଦଲ ଶ୍ରୀ ଚନ୍ଦନ, କିଛି ମହିଳା ଆଦି ଏକତ୍ରିତ ହୋଇ ନିଜ ସମର୍ଥକଙ୍କ ସହ ବିଭିନ୍ନ ଆନ୍ଦୋଳନ କରୁଥିବା ବେଳେ, ସେପଟେ ଜିଲ୍ଲା କଂଗ୍ରେସ ସଭାପତି ରବିରାୟ, ସାବିର ହୁସେନ, ରଶ୍ମିରଂଜନ ପାଢୀ ପ୍ରମୁଖ ଏକତ୍ରିତ ହୋଇ କିଛି ମହିଳା ଯୁବ ଓ ଛାତ୍ରଙ୍କୁ ନେଇ ବିଭିନ୍ନ ଆନ୍ଦୋଳନ କରିଛନ୍ତି । ଏହାକୁ ରାଉରକେଲା କଂଗ୍ରେସ ୨ ଫାଳ ବୋଲି କୁହାଯାଇଥିବା ବେଳେ ଅନେକ ଏହାକୁ ଜର୍ଜଙ୍କୁ ବିରୋଧ ବୋଲି ମଧ କହିଥାନ୍ତି । ଏମାନଙ୍କ ଭିତରେ ଜର୍ଜ ତାଙ୍କ ନୀତି ନିୟମ ସହ ଆନ୍ଦୋଳନ କରିଥିବା ବେଳେ ସେପଟେ ଜିଲ୍ଲା କଂଗ୍ରେସ ସିନା ଆନ୍ଦୋଳନ କରେ କିନ୍ତୁ ଅନ୍ୟମାନଙ୍କର ବୁଦ୍ଧି କାମ କରେ ସଭାପତିଙ୍କର ନୁହେଁ ବୋଲି ବୋଲି କୁହାଯାଏ । ଅନ୍ୟପକ୍ଷରେ ରଶ୍ମି ବାବୁ ନିଜସ୍ୱ ଉଦ୍ୟମରେ ମଧ ଅନେକ ତଥ୍ୟ ନେଇ ରାଉରକେଲା ସମେତ ଜିଲ୍ଲାର କଥାକୁ ପଦାକୁ ଆଣିବା ଲୋକାୟୁକ୍ତର ମାମଲା କରିବା କଥା ମଧ ନଜିର ରହିଛି । ଅନ୍ୟମାନଙ୍କ ଭିତର ବୀରେନ ସେନାପତି ପୂର୍ବରୁ ସଭାପତି ଥିଲେ ଓ ଟିକେଟ ମଧ ପାଇଥିଲେ ଓ ହାରିଥିଲେ । ସେ ମଧ ଜର୍ଜଙ୍କ ସହ ରହିଛନ୍ତି । କିନ୍ତୁ ଚେଲ୍ଲାକୁମାରଙ୍କ ଗସ୍ତ ବେଳେ କେବଳ ଜର୍ଜ ହିଁ ତାଙ୍କ ସହ ରାଉରକେଲାରୁ କଥା ହେବାକୁ ସୁଯୋଗ ପାଇଥିବା ଖବର ମିଳିଛି । ଆଉ କେତେକ ଯାଇଥିଲେ ବି ସେମାନଙ୍କର ପାଳି ପଡିନଥିବା ଖବର ମିଳିଛି । ତେବେ ଶ୍ରୀ ତିର୍କୀ ଙ୍କୁ ଯୋଗା ଯୋଗ କରାଜିବାରୁ ସେ କହିଛନ୍ତି, ବିଗତ ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ କାର୍ଯ୍ୟକଳାପ ବିଷୟରେ ସେ କହିବା ସହ ତାଙ୍କର ଜଣେ ଝିଅ ବିଜେଡି ଓ ଅନ୍ୟ ଜଣେ କଂଗ୍ରେସରୁ ଟିକେଟ ପାଇବା ବିଷୟ ମଧ ସେ କହିଥିଲେ । ତା ଛଡା ତାଙ୍କର କିଛି ସମର୍ଥକ କିଭଳି ବାଟ ବଣା ହୋଇ କଂଗ୍ରେସକୁ ବିରୋଧ କଲେ ସେ କଥା ମଧ ଖୋଲିଥିବା କହିଛନ୍ତି । ତା ଛଡା ଜିଲ୍ଲାର ଭୌଗଳିକ ସ୍ଥିତି ତଥା , ଅନ୍ୟ ଦଳ ମାନେ ଯେଉଁଭଳି ସାଂଗଠନିକ ଜିଲ୍ଲା କରିଛନ୍ତି ସେହି ହିସାବରେ ରାଉରକେଲା ଜିଲ୍ଲା କଂଗ୍ରେସକୁ ପୁର୍ନଗଠନ କରିବାକୁ ସେ ଦାବି ରଖିଥିବା କହିଥିଲେ । ଏହା ହେଲେ ସେଥିରେ ବଣେଇ, ବୀରମିତ୍ରପୁର, ରଘୁନାଥପାଲ୍ଲୀ ଓ ରାଉରକେଲା ସାମିଲ ହେବ ଓ ସବୁ ଦିଗରୁ ଦଳ ଲାଭବାନ୍ ହେବା ସହ କାମ କରିବାକୁ ସହଜ ହେବ ବୋଲି ସେ ଚେଲ୍ଲାକୁମାରଙ୍କ ପାଖରେ ଦାବି ରଖିଥିବା କହିଥିଲେ । ଏହା ଛଡା ଜିଲ୍ଲାରେ କେତେ ଭୋଟର , ସେଥିରେ କେଉଁ ଭାଗ କେତେ, କେଉଁ ଭାଗର କ'ଣ ସବୁ ସମସ୍ୟା ରହିଛି ସେ ସବୁ ସମସ୍ୟାର ସମାଧାନ ଲାଗି ଦଳକୁ କ'ଣ କରିବାକୁ ପଡିବ ସେ ସବୁ ମଧ କହିଥିବା ସୂଚନା ଦେଇଚନ୍ତି । ତେବେ ଯଦି ଜର୍ଜଙ୍କ କଥା ଅନୁଶାରେ ଜିଲ୍ଲା ପୁର୍ନଗଠିତ ହେଲା ତେବେ ସେ ପାଣି ପାଗର କେଉଁ ମାନେ ସଭାପତି ହେବାକୁ ଯୋଗ୍ୟ ବିବେଚିତ ହେବେ ଓ ଦଳର ମାପକାଠିରେ କିଏ ଫିଟ୍ ହେବେ ତାହା ତ ସମୟ କହିବ କିନ୍ତୁ ଜର୍ଜଙ୍କୁ ନେଇ ଏବେ ସାଂଗଠନିକ ଜିଲ୍ଲା ଉଠୁଛି ପଡୁଛି ।



# ସୋମନାଥ ମନ୍ଦିର

ଗୁଜୁରାଟସ୍ଥିତ ସୋମନାଥ ମନ୍ଦିର ଭଗବାନ ଶିବଙ୍କର ୧୨ ଜ୍ୟୋତିଲିଙ୍ଗ ମଧ୍ୟରେ ପ୍ରମୁଖ ବୋଲି ମାନ୍ୟତା ରହିଛି । ଏହୀ ମନ୍ଦିରର ନିର୍ମାଣରେ ଅନେକ ଧାର୍ମିକ ଓ ପୌରାଣିକ କାହାଣୀ ଜଡ଼ିତ । ଏହି ମନ୍ଦିରର ନିର୍ମାଣ ଚନ୍ଦ୍ର ଦେବ ସୋମରାଜ କରିଥିଲେଓ ଏହାର ବର୍ଣ୍ଣନା ରଗବେଦରେ ମଧ ରହିଛି ।

ସୋମନାଥ ମନ୍ଦିର ଅତ୍ୟନ୍ତ ସମୃଦ୍ଧ ଓ ବୈଭବଶାଳୀ ହୋଇଥିବାରୁ ଅନେକବାର ପର୍ତ୍ତୁଗୀଜ ଓ ମୁସଲିମ ଆକ୍ରମଣକାରୀଙ୍କ ଦ୍ୱାରା ଭଙ୍ଗାଯାଇ ହିନ୍ଦୁ ରାଜାମାନଙ୍କ ଦ୍ୱାରା ପନୁନଃନିର୍ମାଣ କରାଯାଇଥିଲା । ବର୍ତ୍ତମାନର ସୋମନାଥ ମନ୍ଦିର ଭାରତର ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ନିର୍ମିତ ହୋଇଛି । ଏହି ମନ୍ଦିରର ପୁନଃ ନିର୍ମାଣ ପ୍ରାଚୀନ ହିନ୍ଦୁ ବାସ୍ତୁକଳା ଓ ଚାଲୁକ୍ୟ ବାସ୍ତୁଶୈଳୀ ଦ୍ୱାରା କରାଯାଇଛି । ଲୋକଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଏହି ପବିତ୍ର ସ୍ଥଳରେ ନିଜ ଶରୀର ତ୍ୟାଗ କରିଥିଲେ । ଗୁଜୁରାଟର ପଶ୍ଚିମତଟର ସୌରାଷ୍ଟ୍ରରେ ବେରାବଲ ବନ୍ଦର ପାର୍ଶ୍ୱରେ ପ୍ରଭାସ ପାଟନରେ ସ୍ଥିତ ଏହି ମନ୍ଦିର ଇତିହାସର ଉତଥାନ ଓ ପତନର ପ୍ରତୀକ । ୧୯୫୧ ମସିହାରେ ରାଷ୍ଟ୍ରପତି ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସୋମନାଥ ମନ୍ଦିରରେ ଜ୍ୟୋର୍ତିଲିଙ୍ଗଙ୍କ ସ୍ଥାପନା କରାଯାଇଥିଲା । ୧୯୬୨ ମସିହାରେ ଭଗବାନ ଶିବଙ୍କୁ ସମର୍ପିତ ଏହି ହିନ୍ଦୁ ପବିତ୍ର ଧାମ ପୂର୍ଣ୍ଣରୂପରେ ନିର୍ମିତ ହୋଇଥିଲା । ୧୯୯୫ ମସିହା ଡିସେମ୍ବର ୧ତାରିଖରେ ପୂର୍ବ ରାଷ୍ଟ୍ରପତୀ ଶଙ୍କର ଦୟାଲ ଶର୍ମାଏହି ପବିତ୍ର ତୀର୍ଥଧାମକୁ ସାଧାରଣ ଜନତାଙ୍କ ନିମନ୍ତେ ସମର୍ପଣ କରିଦେଇଥିଲେ । ବର୍ତ୍ତମାନ ଲକ୍ଷାଧିକ ଲୋକଙ୍କର ଏହା ଅସ୍ଥାର କେନ୍ଦ୍ର କହିଲେ ଅତ୍ୟନ୍ତି ହେବ ନାହିଁ । ଧାର୍ମିକ ଶାସ୍ତ୍ର ଓ ଗ୍ରନ୍ଥ ଅନୁସାରେ ଭାରତର ପ୍ରମୁଖ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ଏହି ସୋମନାଥ ମନ୍ଦିରକୁ ସ୍ୱୟଂ ଚନ୍ଦ୍ରଦେବ ଅର୍ଥାତ ସୋମ ଗଭଗବାନ ନିର୍ମାଣ କରିଥିଲେ । ଚନ୍ଦ୍ର ଦେବ ରାଜା ଦକ୍ଷ ପ୍ରଜଜାପତିଙ୍କର ସମସ୍ତ ୨୭ ପୁତ୍ରୀଙ୍କୁ ବିବାହ କରିଥିଲେ ଚନ୍ଦ୍ର ଦେବଙ୍କ ସମସ୍ତ ପତ୍ନୀଙ୍କ ମଧ୍ୟରୁ ରୋହିଣୀ ଅତ୍ୟନ୍ତ ସୁନ୍ଦରୀ ଥିବାରୁ ଚନ୍ଦ୍ରଦେବ ତାଙ୍କୁ ଅଧିକ ଭଲ ପାଉଥିଲେ । ତେଣୁ ପୁତ୍ରୀମାନଙ୍କ ମଧ୍ୟରେ ଭେଦଭାବ ଦେଖି ରାଜା ଦକ୍ଷ ପ୍ରଜାପତି ସେ ଚନ୍ଦ୍ର ଦେବଙ୍କୁ କ୍ଷୟଗ୍ରସ୍ତ ହେବାର ଅଭିଶାପ ଦେଇଥିଲେ । ଏହାପରେ ସେ ଭଗବାନ ଶିବଙ୍କୁ କଠୋର ଆରାଧନା କଲେ । ତପସ୍ୟାରେ ଖୁସି ହୋଇ ଭଗବାନ ଶିବ ଅମରତ୍ୱ ବର ପ୍ରଦାନ କଲେ, ଯାହାଦ୍ୱାରା ରାଜା ଦକ୍ଷଙ୍କର ଶାପରୁ ମୁକକ୍ତି ମିଳିଲା ଓ ଏହା ସହିତ କୃଷ୍ଣପକ୍ଷରେ ଚନ୍ଦ୍ର ଦେବଙ୍କ ଚମକ କମ ହେବ ଓ ଶୁକ୍ଳ ପକ୍ଷରେ ତାଙ୍କର ଚମକ ବୃଦ୍ଧିପାଇବ ବୋଲି ଭଗବାନ ଶିବ କହିଥିଲେ । ଏହି ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କର ମହିମାର ଉଲ୍ଲେଖ ହିନ୍ଦୁ ଧର୍ମର ପ୍ରସିଦ୍ଧ ମହାକାବ୍ୟ ଶ୍ରୀମଦ ଭାଗବତ ଗୀତା, ମହାଭାରତ ଓ ସ୍କନ୍ଦ ପୁରାଣ ଆଦିରେ ମଧ କରାଯାଇଛି । ଏହା ସହିତ ଏହି ମନ୍ଦିରର ଉଲ୍ଲେଖ ରଗବେଦରେ ମଧ କରାଯାଇଛି । ମାନ୍ୟତା ଅନୁସାରେ ଭଗବାନ ଶିବଙ୍କର ଏହି ପ୍ରସିଦ୍ଧ ଜ୍ୟୋତିଲିଙ୍ଗଙ୍କର ଦର୍ଶନ ମାତ୍ରେ ଭକ୍ତଙ୍କର ସମସ୍ତ ଦୁଃଖ ଦୂର ହୁଏ । ଏବଂ ସୋମନାଥ ମନ୍ଦିରରେ ପୂଜା ଆରାଧନା ଦ୍ୱାରା ଭକ୍ତଙ୍କର କ୍ଷୟରୋଗ ମଧ ଦୂର ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ ଏଠାରେ ଦେହତ୍ୟାଗ କରିଥିବାରୁ ଏହି ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ସୁନ୍ଦର ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯାଇଛି । ଆଗ୍ରାରେ ଥିବା ଦେବଦ୍ୱାର ସୋମନାଥ, ମନ୍ଦିରର, ଯାହାକୁ ମହମ୍ମଦ ଗଜନୀ ଲୁଟ କରି



ନେଇଯାଇଥିଲା । ସେଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେୀ ହେଉଥିବା ଲାଇଟ୍ ସୋରେ ହିନ୍ଦୁମାନଙ୍କର ଇତିହାସକୁ ପ୍ରଦର୍ଶିତ କରାଯାଇଥାଏ । ସୋମନାଥ ମନ୍ଦିରରେ କାର୍ତ୍ତିକ, ଚୈତ୍ର ଓ ଭାଦ୍ରବ ମାରସରେ ଶ୍ରାଦ୍ଧ କରିବାର ମହତ୍ତ୍ୱ ରହିଛି । ଏହି ମନ୍ଦିରରୁ ୨୦୦ କି.ମି ଦୂରରେ ଦ୍ୱାରକା ନଗରୀ ଅବସ୍ଥିତି, ଷଯଉଁଠିକୁ ଦ୍ୱାର କାଧିଶଙ୍କ ଦର୍ଶନ ପବାଇଁ ଦୂର ଦୂରାନ୍ତରୁ ଲୋକମାନେ ଆସିଥାନ୍ତି । ଏହି ଜ୍ୟୋର୍ତିଲିଙ୍ଗର ସ୍ଥାପନା ପରେ ରାମେଶ୍ୱରମ, ଦ୍ୱାରକା ଓ ବାରଣସୀରେ ଜ୍ୟୋତିର୍ଲିଙ୍ଗଙ୍କୁ ସ୍ଥାପନ କରାଯାଇଥିଲା । ସୋମନାଥ ମନ୍ଦିରର ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ସୋମନାଥ ମନ୍ଦିରର ଟ୍ରଷ୍ଟ କରିଥାଏ । ସରକାର ଟ୍ରଷ୍ଟକୁ ଜମି ଓ ବଗୀଚା ଆଦି ଦେଇ ମନ୍ଦିରର ଆୟର ବ୍ୟବସ୍ଥା କରିଛନ୍ତି ।

**କିପରି ଯିବେ:** କିଶୋଡ଼ ବିମାନ ବନ୍ଦର ସୋମନାଥ ମନ୍ଦିରରୁ ମାତ୍ର ୫୫ କିମ ଦସୂରରେ ରହିଛି । ଏହି ବିମାନ ବନ୍ଦର ମୁମ୍ବାଇ ସହିତ ଯୋଡ଼ାଯାଇଛି । ସେଠାରେ ପହଞ୍ଚିବା ପରେ ବସ ଓ ଟ୍ୟାକ୍ସି ସହାୟତାରେ ସୋମନାଥ ମନ୍ଦିର ପହଞ୍ଚିପାରିବେ ।ସେଠାରୁ ସବୁଠାରୁ ନିକଟତମ ରେଲୱେ ଷ୍ଟେସନ ବେରାବଲ ଯାହା ସୋମନାଥ ମନ୍ଦିର ଠାରୁ ମାତ୍ର ୭କିମି ଦୂରରେ ଅବସ୍ଥି । ଏହା ଅହମ୍ମଦାବାଦ, ଗୁଜୁରାଟ ସମେତ ଦେଶର ପ୍ରମୁଖ ସହର ସହିତ ରେଳମାର୍ଗ ଦ୍ୱାରା ଯୋଡ଼ା ଯାଇଛି ।

# ତିନି ହଜାର ବର୍ଷ ପୁରୁଣା ଲବଙ୍ଗ ଗଛ



ଲବଙ୍ଗର ବ୍ୟବହାର ପ୍ରତ୍ୟେକ ଲୋକଙ୍କ ରୋଷେଇ ଘରେ ହୋଇଥାଏ । ଏହା ଖାଦ୍ୟର ସ୍ୱାଦ ତ ବଢ଼ାଇଦିଏ, ତା ସହ ସ୍ୱାସ୍ଥ୍ୟ ବି ଫିଟ ରଖେ । ବିଶେଷକରି ଏହାର ପ୍ରୟୋଗ ଦାନ୍ତ ବିନ୍ଧା ହ୍ରାସ କରିବା, ଗଳା ସଂକ୍ରମଣରୁ ରକ୍ଷା ଏବଂ ପେଟଜନିତ ବିଭିନ୍ନ ସମସ୍ୟାରୁ ଉପଶମ ପାଇଁ ବ୍ୟବହାର କରାଯାଏ କିନ୍ତୁ ଆପଣ ଜାଣନ୍ତି, ଲବଙ୍ଗର ଚଳନ ଦୁନିଆରେ କେବେଠୁ ଆରମ୍ଭ ହୋଇଥିଲା ? ଏହାର ଇତିହାସ ତିନି ହଜାର ବର୍ଷ ପୁରୁଣା । ସେତେବେଳେ ପୂର୍ବ ଏସିଆର ଟର୍ଣ୍ଣେଟ, ଟିଡୋର ଏବଂ ଅନ୍ୟ କିଛି ଦ୍ୱୀପରେ କେବଳ ଲବଙ୍ଗ ଗଛ ଦେଖିବାକୁ ମିଳୁଥିଲା । ଏଥିପାଇଁ ଏଠାରେ ବାସ କରୁଥିବା ଲୋକଙ୍କୁ ବେଶ ଫାଇଦା ମିଳୁଥିଲା । ସ୍ଥାନୀୟ ବାସିନ୍ଦା ଲବଙ୍ଗ ଚାଷ କରି ବେଶ ଭଲ ରୋଜଗାର କରୁଥିଲେ । ମାନ୍ୟତା ରହିଛି, ଦୁନିଆର ସବୁଠୁ ଲବଙ୍ଗ ଗଛ ଇଣ୍ଡୋନେସିଆର ଟର୍ଣ୍ଣେଟ ଦ୍ୱୀପରେ ରହିଛି । ଏହାସତ୍ତ୍ୱେ ଲୋକେ ଏଠାକୁ ଆସିବାକୁ ନିଜକୁ ରୋକିପାରନ୍ତି ନାହିଁ । ଏହି ଦ୍ୱୀପର ସୌନ୍ଦର୍ଯ୍ୟ ଅନ୍ୟ ସମସ୍ତ ଦ୍ୱୀପ ତୁଳନାରେ ନିଆରା । ଏଠାରେ ଉଡ଼ନ୍ତା ବେଙ୍ଗ ବି ଦେଖିବାକୁ ମିଳେ । କୁହାଯାଏ, ଲବଙ୍ଗ ଚାଷ ଦ୍ୱାରା ଯେତେବେଳେ ଟର୍ଣ୍ଣେଟ ଏବଂ ଟିଡୋରର ସୁଲତାନଙ୍କ ପାଖରେ ଅନେକ ପନୁଞ୍ଜି ଗଚ୍ଛିତ ହୋଇଗଲା; ସେମାନେ ନିଜକୁ ବହୁତ ଶକ୍ତିଶାଳୀ ମନେକଲେ । ଏହାକୁ ନେଇ ଦୁଇ ଦ୍ୱୀପର ସୁଲତାନଙ୍କ ମଧ୍ୟରେ ଲଢ଼େଇ ହେଲା । ଏହି ଲଢ଼େଇର ଫାଇଦା ନେଲେ ଇଂରେଜ ଏବଂ ଡଚ୍ ବ୍ୟବସାୟୀ । ସେମାନେ ଏହି ଇଲାକାକୁ ନିଜ ଅକ୍ତିଆରକୁ ନେଇଗଲେ ।

# ଛୁଆ କାହିଁକି ମାଟି ଖାଆନ୍ତି

ଛୋଟ ପିଲାମାନେ ଅନେକ ସମୟରେ ଚକ୍, ମାଟି ଓ କାନ୍ଥରେ ଲଗାଯାଇଥିବା ରଙ୍ଗକୁ ଖାଇବା ଦେଖାଯାଏ । ବାରମ୍ୱାର ଛୁଆମାନଙ୍କୁ ଏ କାର୍ଯ୍ୟ ପାଇଁ ବାରଣ କରିବା ସତ୍ତ୍ୱେ ସେମାନେ ମାନି ନ ଥାନ୍ତି । ଚାଲନ୍ତୁ ଜାଣିବା ପିଲାମାନେ କ'ଣ ପାଇଁ ମାଟି ଖାଇଥାନ୍ତି !



- ଏ ସମସ୍ୟା ଏକ ବର୍ଷରୁ ସାତ ବର୍ଷର ପିଲାମାନଙ୍କ ଠାରେ ଦେଖାଯାଏ । ବେଳେ ବେଳେ ବୟସ୍କ ଲୋକମାନେ ମଧ ମାଟି ଖାଉଥିବାର ଦେଖାଯାଇଛି ।
- ଛୋଟ ପିଲାମାନଙ୍କଠାରେ କିଛି ବିଶେଷ ପ୍ରକାର ପୌଷ୍ଟିକ ତତ୍ତ୍ୱ ଯଥା: ଆଇରନ୍ ଓ ଜିଙ୍କର ପରିମାଣ କମ ଥିବା କରଣରୁ ସେମାନଙ୍କୁ ମାଟି ଖାଇବାର ଇଚ୍ଛା ହୁଏ ।
- ରକ୍ତ ହୀନତା ଦେଖାଗଲେ ସେମାନେ ମାଟି ଖାଇଥାନ୍ତି । ଯାହା ରକ୍ତ ହୀନତାର ଏକ ଲକ୍ଷଣ ।
- ପିଲାମାନଙ୍କୁ ପ୍ରତିଟି ଖାଦ୍ୟରେ କ୍ଷୀର ମିଶାଇ ଦେବା କାରଣରୁ ପିଲାମାନଙ୍କଠାରେ ରକ୍ତ ହୀନତା ଦେଖାଯାଏ ।
- ମାଟି ଖାଇବାକୁ ନେଇ ପିଲାଙ୍କଠାରେ ଦେଖାଯାଉଥିବା ଏହି ବିଶୃଙ୍ଖଳାକୁ ପିକୋ ଇଟିଂ ବୋଲି କହୁଯାଏ ।
- ଏହାଛଡ଼ା କିଛି ପିଲାଙ୍କଠାରେ ଏ ଲକ୍ଷଣ ଆର୍ଟିଜିମ୍ ନାମକ ରୋଗରୁ ମଧ ଦେଖାଯାଏ ।
- ଆର୍ଟିଜିମ୍ ରୋଗାଗ୍ରସ୍ତ ପିଲାଙ୍କର ମାନସୀକ ବିକାଶ ଠିକରେ ହୋଇହୋଇନଥାଏ ।
- ଆଖ ପାଖରେ ଥିବା ଜିନିଷ ସବୁକୁ ଚାଖି, ସେ ଜିନିଷକୁ ପରଖିବାକୁ ଚେଷ୍ଟା କରନ୍ତି ସେମାନେ । କିନ୍ତୁ ବୟସ ବଢ଼ିବା ସହ ପିଲାଙ୍କର ଏ ଅଭ୍ୟାସ ବଦଳି ଯାଏ ।






# ମେଲିସାନୀ ଗୁମ୍ଫା

ଅନେକ ଅବିଶ୍ୱାସନୀୟ ସ୍ଥଳୀକୁ ନିଜ କୋଳରେ ସ୍ଥାନ ଦେଇଛି ପ୍ରକୃତି । ତନ୍ମଧ୍ୟରୁ ମେଲିସାନୀ ଗୁମ୍ଫା ଅନ୍ୟତମ । ଗ୍ରୀସର କେଫାଲୋନିଆ ଦ୍ୱୀପର ପୂର୍ବତଟରେ ସାମୀ ନାମକ ଛୋଟ ସହରଠୁ ହାରାହାରି ୫କି.ମି. ଦୂରରେ ଏହା ଅବସ୍ଥିତ । ଚତୁଃପାର୍ଶ୍ୱ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଗୁମ୍ଫା ମଧ୍ୟରେ ଏକ ହ୍ରଦ ରହିଛି । ବୋଟିଂର ମଜା ନେବାକୁ ଲୋକେ ଏଠାକୁ ଆସନ୍ତି । ଏହି ଗୁମ୍ଫାର



ଲମ୍ବ ପ୍ରାୟ ୧୦୦ମିଟର । ଗୁମ୍ଫାର ପ୍ରାୟ ଏକ ତୃତୀୟାଂଶ ସ୍ଥାନରେ ହ୍ରଦ ଅବସ୍ଥିତ । ୧୯୫୧ ମସିହାରେ ମେଲିସାନୀ ଗୁମ୍ଫା ଆବିଷ୍କୃତ ହୋଇଥିଲା । ୧୯୬୩ରେ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲା ହେଲା । ଗୁମ୍ଫାର ପଶ୍ଚିମରେ ମାଉଣ୍ଟେନ୍ ସ୍ଲୋପ୍ ରହିଛି । ଏହି ଗୁମ୍ଫା 'ବି' ଆକୃତିର, ଯାହାର ଦୁଇ ଭାଗରେ ପାଣି ଏବଂ ମଝିରେ ଦ୍ୱୀପ ରହିଛି । ପ୍ରଥମ ଭାଗରେ ସୂର୍ଯ୍ୟଙ୍କ କିରଣ ପଡ଼େ । ଅନ୍ୟ ଭାଗରେ ଉତ୍ତାପ କମ୍ ଅନୁଭୂତ ହୁଏ । ଖରାଦିନେ ସ୍ଥାନର ମଜା ନେବାକୁ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼ ଜମେ ।

# ଭେରିକୋଜ ଭେନସର ଉପଚାର

ଶରୀରର କେତେକସ୍ଥାନରେ, ବିଶେଷ କରି ଗୋଡରେ ଶିରାଗୁଡ଼ିକ ଗାଢ଼ରଙ୍ଗର, ବାଇଗଣି କିମ୍ବା ନୀଳ ରଙ୍ଗର ଦେଖାଯାଇଥାନ୍ତି । ଏଗୁଡ଼ିକ ମ୍ଦ୍ୟ ଜାଲ ପରି ଛନ୍ଦାଛନ୍ଦି ହୋଇ ରହିଥାଏ । ଶିରାର ଏପରି ଅବସ୍ଥାକୁ କୁହାଯାଏ ଭେରିକୋଜ ଭେନସ । ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସହିତ ପ୍ରବଳ ଯନ୍ତ୍ରଣାର କାରଣ ବି ହୋଇପାରେ । ଏପରି କେତେକ ବ୍ୟାୟାକ ଏହି ସମସ୍ୟାରୁ ସୁରକ୍ଷା ଦେଇପାରିବ ।




**ପ୍ରଥମ:** ପିଠିମାଡ଼ି ଶୋଇବା ସହ ଦୁଇଗୋଡ଼ ଭାଙ୍ଗି ରଖନ୍ତୁ । ଦୁଇହାତ ମୁଣ୍ଡ ଉପରକୁ ସିଧା ରହିବ । ଏବେ ଡାହାଣ ଗୋଡ ସଳଖ ଭାବେ ଉପରକୁ ଉଠାଇ ଆଙ୍ଗୁଠିଗୁଡ଼ିକ ଆର୍ଠୁଦିଗରେ ନୁଆଁଇବେ । ଆଣ୍ଠୁ ଏବଂ ଜଙ୍ଘ ଟାଣକରି ରଖନ୍ତୁ ଯେପରି ପେଣ୍ଡା ,ବଂ ଜଙ୍ଘ ପଛପାଖମାଂସପେଶୀ ଟାଣିହେବା ପରି ଅନୁଭୂତ ହେବ । ୩୦ ସେକେଣ୍ଡ ଏପରି ରହିବା ପରେ ଡାହାଣ ଗୋଡ ତଳକୁ ପକାଇ ବାମରେ ଗୋଡ଼ରେ ଏହି ଅଭ୍ୟାସ କରନ୍ତୁ। ନିଜକୁ ଆରାମ ଲାଗିବା ଯାଏ ଏହି ବ୍ୟାୟାମ କରିପାରିବେ ।

**ଦ୍ୱିତୀୟ:**
କାନ୍ଥଠାରୁ ପ୍ରାୟ ୨ଫୁଟ ଦୂରରେ ଛିଡ଼ା ହୁଅନ୍ତୁ। ଆଣ୍ଠୁକୁ ଆରାମଦାୟକ ସ୍ଥିତିରେ ରଖି ଡାହାଣ ପାଦ କାନ୍ଥରେ ଚିତ୍ରରେ ଦେଖାଯାଇଥିବା ପରି ଲଗାଇ ରଖିବେ ।
ଡାହାଣ ଗୋଡ଼ ସଳଖ ରଖି ବାମଗୋଡ଼ର ଗୋଇଠି ଉଠାନ୍ତୁ ।
ଏବେ ବାମଗୋଡ଼କୁ ସଳଖ ରଖି ନିତମ୍ବ କାନ୍ଥ ଦିଗରେ ଆଗେଇ ରଖିବେ ।
୩୦ ସେକେଣ୍ଡ ଏପରି ଅବସ୍ଥାରେ ରହିବାପରେ ପାର୍ଶ୍ୱ ପରିବର୍ତ୍ତନ କରି ଆରଗୋଡରେ ଏହିକ୍ରିୟା କରନ୍ତୁ ।

**ତୃତୀୟ:**
କାନ୍ଥକୁ ମୁହଁ କରି ବସିପଡ଼ିବେ ।
ଧୀରେଧୀରେ ପିଠିମାଡ଼ି କାନ୍ଥକୁ ଲାଗି ଶୋଇପଡ଼ିବେ ଏବଂ ଗୋଡ଼ ଦୁଇଟିକୁ ୯୦ ଡିଗ୍ରୀ କରି କାନ୍ଥରେ ଲମ୍ୱାଇ ରଖିବେ ଯେପରି ନିତମ୍ବ କାନ୍ଥରେ ଲାଗୁଥିବ ।
୩ରୁ ୫ମିନିଟ ଏପରି ଅବସ୍ଥାରେ ରହି ଧୀରେଧୀରେ ଆଗକୁ ଠେଲି ହୋଇ ଆସନ୍ତୁ ଏବଂ କାନ୍ଥରୁ ଗୋଡ଼ କାଢ଼ି ଆରାମ କରନ୍ତୁ । ଚାରି-ପାଞ୍ଚଥର ଏପରି କରିବା ଆରାମ ଦେଇଥାଏ ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ଅକ୍ଟୋବର ୨୦୨୦, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କେବଳ ପ୍ରଚାର ମାଧମ କାହିଁକି...

ବୁଡ଼ିଗଲା ଲୋକକୁ କୁଟା ଖିଅକୁ ଭରସା । ଠିକ୍ ସେମିତି ଘାଣ୍ଟି ହେଉଥିବା ଯେକୌଣସି ସରକାର ଛୋଟଛୋଟ ଅର୍ଜିତ ସାର୍ଟିଫିକେଟ୍‌କୁ ନୋବେଲ ପୁରସ୍କାର ସମାନ ମନେ କରିଥାନ୍ତି । ଏମିତିରେ ନବୀନ ସରକାର ସାର୍ଟିଫିକେଟ୍‌ରେ ଛୋଟ ବଡ଼ ଧାରଣା ରଖନ୍ତି ନାହିଁ । ଯେକୌଣସି ସାର୍ଟିଫିକେଟ୍ ଯେକୌଣସି ସଂସ୍ଥା ଦେଉନା କାହିଁକି, ତାହା ମହାର୍ଘ୍ୟ ସଦୃଶ୍ୟ ମନେ କରନ୍ତି ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏକ ପତ୍ରିକା ଦ୍ୱାରା ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ସମ୍ମାନ ପାଇବା ପରେ ଉତ୍ସବ ପାଳନରେ କେତେ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ସରକାର, ତାହା ବୋଧହୁଏ ଭୁଲାମନ ଓଡ଼ିଆମାନେ ଭୁଲି ଯାଇସାରିଥିବେ । ଏକ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା ଆଦର୍ଶ ମୁଖ୍ୟମନ୍ତ୍ରୀର ସମ୍ମାନ ମିଳିବା ପରେ ସବୁ ପ୍ରକାର ଉତ୍ସବର ଆୟୋଜନ ହୋଇଥିଲା । ଦୁର୍ଭାଗ୍ୟବଶତଃ କୁନ୍ଦୁଲି ଗଣଧର୍ଷଣ ପୀଡ଼ିତା ନାବାଳିକା ଆତ୍ମହତ୍ୟା କରିଦେଲା । ନହେଲେ ସାରା ରାଜ୍ୟ ଅନ୍ତତଃ ମାସେ ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇଉଠିଥାନ୍ତା । ଏହି ପୁରସ୍କାର ବାବଦକୁ ସେହି ଶିକ୍ଷାନୁଷ୍ଠାନକୁ ଓଡ଼ିଶାରେ ଜମି ଯୋଗାଇ ଦେବା ପାଇଁ ବାହାରି ପଡ଼ିଥିଲେ ସରକାର । ତେଣୁ ବୁଝାଇବା ଅନାବଶ୍ୟକ ଯେ ଜମି ବଦଳରେ ପୁରସ୍କାର ହାତେଇବା କୌଶଳ ନବୀନ ବ୍ରିଗେଡ୍‌କୁ ଭଲ ଭାବେ ଜଣା । ଏବେ କିଛି ଦିନ ତଳେ କରୋନା ମୁକାବିଲା ପ୍ରସ୍ତୁତିରେ ରାଜ୍ୟ ସରକାରଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ହୁ'ର କଥିତ ପ୍ରଶଂସାପତ୍ରକୁ ନେଇ ବିଜୁ ଜନତା ଦଳ ଏତେ ଆନନ୍ଦିତ ଓ ଏତେ ଆହ୍ଲାଦିତ ହୋଇପଡ଼ିଥିଲା ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ହୁ'ର ମୋହର ବାଜିଗଲା ବୋଲି ସେମାନେ ଧରି ନେଇଥିଲେ । ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ପ୍ରତିଷ୍ଠା ଓ ଏବର ଅବସ୍ଥା ଭିତରେ କେତେ ଆକାଶ ପାତାଳ ପ୍ରଭେଦ ଓଡ଼ିଶାର ଲୋକେ ଭଲ ଭାବେ ବୁଝି ସାରିଛନ୍ତି । ମନେ ପକେଇ ଦେବା ଆବଶ୍ୟକ ଯେ ସୁରତରୁ ଯେତେବେଳେ ଏପ୍ରିଲ ଶେଷ ଓ ମେ' ପ୍ରାରମ୍ଭରେ ବସ୍ ଯୋଗେ ପ୍ରବାସୀ ଶ୍ରମିକ ଫେରୁଥିଲେ ଓଡ଼ିଶା ସେତେବେଳେ ବସ୍ ଭିତରେ ଆମେ ସବୁ ନବୀ ବାବୁଙ୍କ ଫ୍ୟାନ୍ ସଙ୍ଗୀତର ଭିଡିଓ ବିଜୁ ଜନତା ଦଳ ସୌଜନ୍ୟରେ ଭାଇରାଲ କରାଯାଇଥିଲା । କାରଣ ଏହାକୁ ଶାସକ ଦଳ ଏକ ସାର୍ଟିଫିକେଟ୍ ଧରିନେଇଥିଲା । କିନ୍ତୁ ସେମାନେ ଏଠାରୁ ଚାଲି ଯିବା ବେଳେ ଯେଉଁ ପ୍ରତିକ୍ରିୟା ଶୁଣାଇ ଦେଇଗଲେ, ତାହା ବୋଧହୁଏ କରୋନା ମୁଖ୍ୟ ସେନାପତି ନବୀନ ବାବୁଙ୍କ କାନରେ ପଡ଼ିନାହିଁ । ଯେଉଁ ସରକାର ୨୦ ବର୍ଷ କ୍ଷମତାରେ ରହିବା ପରେ ନିଜ ଲୋକଙ୍କୁ ସାମୟିକ ଭାବେ ବି ହେଉ କାମଧନ୍ଦା ଯୋଗାଇ ପାରେ ନାହିଁ, ସେହି ସରକାର ଯେକୌଣସି ପ୍ରଶଂସାପତ୍ରକୁ ଅମୂଲ୍ୟ ସମ୍ପଦ ବିବେଚନା କରିବା କେଉଁ ଏକ ବଡ଼ କଥା ? ଯେଉଁ ଗଞ୍ଜାମରୁ ପ୍ରବାସୀ ଶ୍ରମିକ ଛାଟିପିଟି ପୁଣି ସୁରତ ପଳେଇଲେ, ସେହି ଗଞ୍ଜାମ ମଡେଲକୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଶଂସା କରିଛି ବୋଲି ସାର୍ଟିଫିକେଟ ଧରି ବୁଲୁଛନ୍ତି ବିଜୁ ଜନତା ଦଳର ନେତାମାନେ । ଏହା ମଧ ବଡ଼ ବିତର୍କ ସୃଷ୍ଟି କରିଛି । ପ୍ରଥମତଃ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର କେଉଁ ଜର୍ଣ୍ଣାଲରେ ଏହି ଗବେଷଣାତ୍ମକ ନିବନ୍ଧ ପ୍ରକାଶିତ ହୋଇଛି ତାହା କେହି କହୁନାହାଁନ୍ତି । ନିକଟରେ ନେଚର ମେଡିସିନ୍ ପତ୍ରିକାରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ନର୍ଥଇଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ରିସର୍ଚ୍ଚ ନିବନ୍ଧ ପ୍ରକାଶିତ ହୋଇଛି । ଏଥିରେ ଗଞ୍ଜାମ ସମ୍ପର୍କରେ ଉଲ୍ଲେଖ ନାହିଁ । ତେବେ ଯେଉଁ ୧୮୦ ଟି ସହରରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ କରୋନା ମୁକାବିଲା କୌଶଳ ସମ୍ପର୍କରେ ଅନୁଧ୍ୟାନ କରିଛି ବୋଲି କୁହାଯାଉଛି, ସେଥିରେ ମୁମ୍ବାଇର ଧାରାବି ଅଛି । ଗଞ୍ଜାମ କେବେଠୁ ସହର ହେଲାଣି ? ଯଦି ଗଞ୍ଜାମ ମଡେଲ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଶଂସିତ ହେଉଛି, ତେବେ ଏହି ମଡେଲକୁ ସାରା ଓଡ଼ିଶା କଥା ଛାଡ଼ନ୍ତୁ ଖୋର୍ଦ୍ଧା ଏବଂ କଟକ ଜିଲ୍ଲାରେ କାହିଁକି ଲାଗୁ କରିପାରୁନାହାନ୍ତି ସରକାର ? ତେଣୁ ମିଛ ପ୍ରଶଂସା ସଂଗ୍ରହ କରିବାରେ କି ବାହାଦୂରୀ ! ନବୀନ ସରକାର ଓଡ଼ିଶା ମଡେଲ କଥା ପୂର୍ବରୁ ଘୋଷି ହେଉଥିଲେ । ଏବେ ଗଞ୍ଜାମ ମଡେଲ ପ୍ରଚାରର ମାଧମ ସାଜିଛି ।

କବିତା କୋଣାର୍କ

## ଶ୍ରେଷ୍ଠ ବିନ୍ଧାଣି...

ଧ୍ରୁବ ଚରଣ ବେହେରା

ସାହିତ୍ୟର ଜଣେ ଦକ୍ଷ ବିନ୍ଧାଣି
ଉତ୍କଳ ମାଟିର ଅମର ମଣି ॥

ଜନ ସେବା ତାଙ୍କ ଜୀବନ ବ୍ରତ
ସାଧୁତା ପଣରେ ଅତି ପବିତ୍ର ॥

ଗରିବ ପ୍ରାଣର ଥିଲେ ମହତ୍ତ୍ୱ
ରଖି ଗଲେ ଜାତି ଭୂମିର ଟେକ ॥

ନିଜ କଷ୍ଟ ଭୁଲି ଜନ ସେବାରେ
ଲାଗି ପଡ଼ିଥିଲେ ପରୋପକାରେ ॥

ଜନ୍ମିଥିଲେ ସିଏ ପୁରୀ ଜିଲ୍ଲାରେ
ସୁଆଣ୍ଡୋ ବୋଲି ସେ
ଛୋଟ ଗାଆଁରେ ॥

ଦୁର୍ଭିକ୍ଷ ମରୁଡ଼ି ବାତ୍ୟାର ବେଳେ
ସାଥି ସଦା ସିଏ ଗରିବ ମେଳେ ॥

ଦୁଃଖୀ ଜନଙ୍କର ଅଟନ୍ତି ବନ୍ଧୁ
ମାନବ ହେଲେ ବି କରୁଣା ସିନ୍ଧୁ ॥

ସତ୍ୟବାଦୀ ବନ ବିଦ୍ୟାଳୟ ଟି
ଥିଲା ତାଙ୍କ ଦାନ ଅମୂଲ୍ୟ ଭେଟି ॥

ମଣିଷ ତିଆରି କାରଖାନା ସେ
ରଖିଥିଲା ନା ଏହି ପ୍ରଦେଶେ ॥

ଥିଲା ତାଙ୍କ ଖ୍ୟାତି ଇନ୍ଦ୍ରଧନୁରେ
ବିଜୁଳି ପତ୍ରିକା ଦେଶ ହିତରେ ॥

ବନ୍ଦୀ ଆତ୍ମକଥା କାରା କବିତା
ଧର୍ମପଦ କୃତି ସାହିତ୍ୟ ସତା ॥

ନଅ ଅକ୍ଟୋବର ଜନ୍ମି ସେ ଥିଲେ
କହିଲ ପିଲାଏ ନାମ ଟି ଭଲେ ॥

ଆମ ମାଟି ଲାଗି ମଉଡମଣି
କଳିଙ୍ଗ ମାଟିର ଶ୍ରେଷ୍ଠ ବିନ୍ଧାଣି ॥

ନାମଟି ତାଙ୍କର ଯିଏ କହିବ
ସୁନା ପିଲାଟିଏ ସିଏ ହୋଇବ ॥

ଗୋପବନ୍ଧୁ ଦାସ ପୁରା ନାମଟି
ଉପାଧି ଲଗାଇ ଦେବ କହିଟି ॥

ଉତ୍ତର: ଉତ୍କଳମଣି ଗୋପବନ୍ଧୁ ଦାସ

+ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ
ଝାଡ଼ଖଣ୍ଡ
ମୋ:୮୩୨୮୯୩୦୫୫୪

ବିପିନ ବିହାରୀ ମହାନ୍ତି

# ସଂଗ୍ରାମୀ ଫକୀର : ଡ଼ ରାମମନୋହର ଲୋହିଆ



ଭାରତର ସ୍ୱାଧୀନତା ଏବଂ ନୂତନ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥିବା ବ୍ୟକ୍ତିତ୍ୱ ହେଉଛନ୍ତି ଡ. ରାମମନୋହର ଲୋହିଆ । ସେ ମାର୍ଚ୍ଚ ୨୩, ୧୯, ୧୦ରେ ପ୍ରବଳ ଜାତୀୟବାଦୀପିତା ହିରାଲାଲ୍ ଏବଂ ଚନ୍ଦାଙ୍କ ଔରସରୁ ଅକରପୁର, ଉତର ପ୍ରଦେଶରେ ଜନ୍ମ ନେଇଥିଲେ । ଶୈଶବରୁ ସେ ଥିଲେ ମାତୃହରା । ସେ ତାଙ୍କର ସେହି ପିଲାଦିନୁ ପିତାଙ୍କ ସହିତ ଅନେକ କଂଗ୍ରେସ ସଭାରେ ଯୋଗଦେଇଛନ୍ତି ଏବଂ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଛନ୍ତି । ଏକଦା ପିତାଙ୍କ ସଙ୍ଗରେ ଯାଇଥିବାବେଳେ ଏକ ସଭାରେ ଗାନ୍ଧୀଙ୍କ ଭାଷଣରେ ଏମିତି ମନ୍ତ୍ରମୁଗ୍ଧ ହୋଇଗଲେ ଯେ, ସେବେଠୁ ପାଲଟିଗଲେ ତାଙ୍କ ପଟ୍ଟଶିଷ୍ୟ ଏବଂ ସତ୍ୟ ଓ ଅହିଂସାର ପୂଜାରୀ । ମାତ୍ର ଦଶବର୍ଷ ବୟସରେ ସେ ୧୯୨୧ ମସିହାରେ ସତ୍ୟାଗ୍ରହ ଶୋଭାଯାତ୍ରା ଓ ଆନ୍ଦୋଳନରେ ଯୋଗଦେଇ ଗାନ୍ଧୀଙ୍କ ପ୍ରତି ତାଙ୍କ ବିଶ୍ୱସ୍ତତା ପ୍ରମାଣ କରାଇବା ସହିତ ଆଗାମୀ ଦିନଗୁଡ଼ିକରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାର ସେ ନିଷ୍ପତ୍ତି ମାନସିକ ସ୍ତରରେ ନେଇଥିଲେ ।

୧୯୨୧ ମସିହାରେ ତାଙ୍କର ଜବାହାରଲାଲ୍ ନେହେରୁଙ୍କ ସହିତ ସାକ୍ଷାତ ହେଲା । ସେବେଠୁ ମେଧ ତାଙ୍କର ଅତି ପ୍ରିୟହୋଇଗଲେ ଏବଂ ସେମାନଙ୍କ ମଧ୍ୟରେ ଏକ ଅତୁଟ ଏବଂ ଗଭୀର ସଂପର୍କ ସ୍ଥାପିତ ହୋଇଗଲା । ତଥାପି କେତେକ ସ୍ଥଳରେ ଏବଂ ରାଜନୈତି ପ୍ରସଙ୍ଗରେ ନେହୁରୁଙ୍କ ସହିତ ତାଙ୍କର ମତ ପାର୍ଥକ୍ୟଥିଲା । ୧୯୨୮ ମସିହାରେ ମାତ୍ର ୧୮ବର୍ଷରୁ ଯୁବକ ଲୋହିଆ ଏକ ଛାତ୍ର ସଂଗଠନ ଗଢ଼ି ତା'ରି ମାଧ୍ୟମରେ "ଅଲ-ହ୍ୱାଇଟ୍ ସାଇମନ କମିଶନ'ଙ୍କୁ ପ୍ରତିବାଦ ଓ ପ୍ରତିରୋଧ କରିଥିଲେ କାରଣ କମିଶନ ଚାହୁଁଥିଲେ ଯେ, ଭାରତୀୟମାନଙ୍କ ବିନା ପରାମର୍ଶରେ ସେ ସେମାନଙ୍କୁ ଇଚ୍ଛାମତେ କିଛି ସ୍ୱତନ୍ତ୍ରତା ଦେଇଦେବେ ।

ଏକ ଗୁରୁତ୍ୱ ଏବଂ ବାହାଦୁରୀ କଥା ଏହିଯେ, ଏପଟେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ହେଁ, ସେପଟେ ସେ ନିଜ ପାଠପଢ଼ା ପ୍ରତି ବେଶ୍ ସଚେତକ ଥିଲେ । ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଆଇ ଏବଂ ୧୯୨୯ରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ ପାସ୍ କରିଥିଲେ । ସେଠୁ ବର୍ଲିନ୍ ବିଶ୍ୱବିଦ୍ୟାଳୟ ଅଧ୍ୟୟନ ପାଇଁ ଜର୍ମାନୀଠାରେ ତତା ୧୯୩୨ରେ ତାଙ୍କ ପି.ଏଚ୍.ଡ଼ି. ସମାପ୍ତ କଲେ । ସେ ଖୁବ୍ ଶୀଘ୍ର ଜର୍ମାନ ଶିଖିଗଲେ ଏବଂ ସେଠାରେ ତାଙ୍କର ଶିକ୍ଷାଗତ ଉଚ୍ଚସଂପନ୍ନ କୃତିତ୍ୱ ପାଇଁ ଆର୍ଥିକ ସହାୟତା ମଧ ପାଇଥିଲେ ।

ସେ ଇଉରୋପରେ ଥିଲାବେଳେ 'ଆସୋସିଏସନ୍ ଅଫ୍ ଇରୋପିଆନ୍ ଇଣ୍ଡିୟାନସ୍ ନାମକ କ୍ଲବ୍ ଗଠନ କରିଥିଲେ । ଏହାର ଉଦ୍ଦେଶ୍ୟଥିଲା ଭାରତର ଜାତୀୟତାକୁ ଦେଶବାହାରେ ସଂରକ୍ଷଣ ସଂପ୍ରସାରିତ ଓ ସମୃଦ୍ଧି କରାଇବା । ସେ ମଧ ଜାତିସଂଘର ଜେନଭା ସମ୍ମିଳନୀର ଯୋଗଦେଇଥିଲେ ଯଦିଓ ଭାରତରେ ବ୍ରିଟିଶରାଜ ତରଫରୁ ବିକାନିର ମହାରାଜା ଯୋଗ ଦେଇଥିଲେ । ଏଥିରେ ଲୋହିଆ ଆଶ୍ଚର୍ଯ୍ୟ ଓ ବ୍ୟଥିତ ହୋଇ ପରିଦର୍ଶକ ଗ୍ୟାଲରୀ ମଧ୍ୟରୁ ତୀବ୍ର ପ୍ରତିରୋଧ କରିଥିଲେ ଏବଂ ଏହାର କାରଣ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ପ୍ରକାଶିତ କରିଥିଲେ । ଏହାହିଁ ରାମମନୋହର ଲୋହିଆଙ୍କୁ ଏକ ସୁପରଷ୍ଟାର ବା ଉଚ୍ଚକୋଟିର ନେତାରୂପେ ପ୍ରତିଷ୍ଠିତ ଓ ପ୍ରମାଣିତ କରିଦେଲା। ଏହାପରେ ସେ ଆସି ଭାରତର ଜାତୀୟ କଂଗ୍ରେସ ଦଳରେ ଯୋଗଦେଲେ । ୧୯୩୪ ମସିହାରେ ସେ କଂଗ୍ରେସ ସୋସିଆଲିଷ୍ଟ ପାଟିର ଭିତ୍ତିସ୍ଥାପନ କଲେ । ୧୯୩୬ ମସିହାରେ ପଣ୍ଡିତ ନେହୁରୁତାଙ୍କୁ 'ଅଲ ଇଣ୍ଡିଆ କଂଗ୍ରେସ' ଦଳର ସଂପାଦକ ରୂପେ ନିଯୁକ୍ତିନେଲେ । ଲୋହିଆଙ୍କ କାରଣରୁ ଏଇଠୁ ଆରମ୍ଭ ହେଲା ଭାରତର ବୈଦେଶିକ କାରବାର ପାଇଁ ବୈଦେଶିକ ନୀତିର ଭିତ୍ତି ।

୨୪ ମେ' ୧୯୩୬ରେ ପ୍ରଥମଥର ପାଇଁ ଲୋହିଆ ବନ୍ଦୀହେଲେ କାରଣ ସେ ଭାରତୀୟମାନଙ୍କୁ ସବୁ ସରକାରୀ ସଂସ୍ଥାକୁ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ; କିନ୍ତୁ ତା' ପରଦିନ ତାଙ୍କୁ ମୁକ୍ତିଦେଲେ ଏଥିପାଇଁ ଯେ, କାଳେ ତାଙ୍କ ବନ୍ଦୀନେଇ ପ୍ରବଳ ଯୁବଜାଗରଣ ସୃଷ୍ଟିହେବ ଏବଂ ଯାହାକୁ ସମ୍ଭାଳିବା ସମ୍ଭବ ହୋଇନପାରେ । ତେବେ ତାଙ୍କ ପ୍ରବନ୍ଧ "ସଂପ୍ରତିକ ସତ୍ୟାଗ୍ରହ ବା ସତ୍ୟାଗ୍ରହ ନାଓ", ଖବର କାଗଜରେ ପ୍ରକାଶ ପାଇଁ ତାଙ୍କୁ ଜୁନ୍ ୧୯୪୦ରେ ପୁନଶ୍ଚ ବନ୍ଦୀ କରାଯାଇ ଦୁଇବର୍ଷ ପାଇଁ ଜେଲକୁ ପଠାଇଦିଆଗଲା । ସେଠାରେ ତାଙ୍କୁ କଠିନ ମାନସିକ ନିର୍ଯାତନା ସହିତ ନାନା ପ୍ରକାର ଜେରାବି କରାଯାଇଥିଲା । ଡ଼ିସେମ୍ବର ୧୯୪୧ରେ ବାହାରୁ ନାନା ଚାପ ପଡ଼ିବାରୁ ତାଙ୍କୁ ମୁକ୍ତ କରାଯାଇଥିଲା । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ ବେଳେ ପ୍ରଥମଶ୍ରେଣୀ ନେତା: ଗାନ୍ଧୀ, ନେହୁରୁ, ସର୍ଦାର ବଲଭ ଭାଇ ପଟେଲ୍ ଏବଂ ମୌଲାନା ଆଜାଦ ଇତ୍ୟାଦି ଗିରଫ ହେଲାପରେ ଦ୍ୱିତୀୟ ପାହ୍ୟାର ନେତା ହିସାବରେ ଆନ୍ଦୋଳନ ଚାଲୁରଖିବାରେ ଗୁରୁଦାୟିତ୍ୱ ନେଲେ । ଲୋହିଆ କାଗଜ ପତ୍ର ପ୍ରଚାର ଓ ଗୁପ୍ତ ଆକାଶବାଣୀ ପ୍ରସାରଣ ମାଧ୍ୟମରେ ସେ ଘୋଷଣା କରୁଥିଲେ କର ଅବା ମର ।

ଏହାପରେ ଲୋହିଆ ଥରେ ୧୯୪୪ରେ ବମ୍ବେରେ ବନ୍ଦୀଥିବାବେଳେ ତାଙ୍କୁ ନିଷ୍ଠୁର ନିର୍ଯ୍ୟାତନା ଦିଆଯାଇଥିଲା ଏବଂ ପରେ ୨୮ମେ ୧୯୪୬ରେ ଗୋଆରେ ବନ୍ଦୀ ହୋଇଥିଲେ । ଗୋଆରେ ବନ୍ଦୀ ହେବାର କାରଣ ଏହାଥିଲା ଯେ, ସେଠାକାର ପୁର୍ତ୍ତଗୀଜ ସରକାର ଲୋକମାନଙ୍କୁ ବାକ୍ ସ୍ୱାଧୀନତା ଦେଇନଥିଲେ ଓ ସ୍ୱାଧୀନତା ଦେବାର ସପକ୍ଷରେ ନଥିଲେ । ଏହାକୁ ପ୍ରତିବାଦ କରି ପ୍ରଚାର ଓ ପ୍ରସାର କଲେ ।

୧୫ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନ ହେଲା । ସ୍ୱାଧୀନତା ଘୋଷଣାପତ୍ର ବେଳେ ସେ ଗାନ୍ଧୀଙ୍କ ପାଖେ ଛିଡ଼ା ହୋଇଗାନ୍ଧୀଙ୍କ ସହ ସେ କାନ୍ଦୁଥିଲେ, କାରଣ ସେ ଗାନ୍ଧୀଙ୍କପରି ଚାହୁନଥିଲେ ଯେ ଭାରତ ଭାଗଭାଗ ହେଉ ।

ସ୍ୱାଧୀନତା ପୂର୍ବ ଅପେକ୍ଷା ସ୍ୱାଧୀନତା ପରର ଭାରତ ନିର୍ମାଣର ଦାୟିତ୍ୱ ଏବଂ ଚିନ୍ତା ତାଙ୍କର ଥିଲା ସବୁଠୁ ବେଶୀ । ସେ ଚାହୁଥିଲେ ନୂତନ ଭାରତ ଗଠନରେ ସର୍ବସାଧାରଣ ସକ୍ରିୟଅଂଶ ଗ୍ରହଣ କରନ୍ତୁ; ସ୍ୱେଚ୍ଛାକୃତଭାବେ କୂଅ, କେନାଲ ଖୋଳନ୍ତୁ ରାସ୍ତା ନିର୍ମାଣ କରନ୍ତୁ । ଖାଲି କହୁନଥିଲେ, ନିଜେବି ପାନିୟାରୀ ନଦୀ ଉପରେ ଏକ କେନାଲ ନିର୍ମାଣ କରିଛନ୍ତି ଯାହାଏବେ ଲୋହିଆ ସାଗର ଡ୍ୟାମ ରୂପେ ପରିଚିତ । ଏବେ ଆମ ସାଂସଦ ବା ବିଧାୟକମାନେ ଲୋକମାନଙ୍କର ଗୁହାରୀ ଶୁଣିବା ପାଇଁ ଗୋଟିଏ ଦିବସ ରଖିଛନ୍ତି ଯାହାକୁ 'ଜନବାଣୀ ଦିବସରୂପେ ପ୍ରଚଳନ ହେଉଛି: ଏହା ତାଙ୍କରି ସକାଶେ ପ୍ରଚଳିତ ହୋଇଛି । ଭିନ୍ନ ଏକ ବିତର୍କପ୍ରସଙ୍ଗ, ଯାହା ଏବେ ସମାଲୋଚିତ 'ତିନି ଅଣା, ପନ୍ଦର ଅଣା' ତାଙ୍କରି କାରଣରୁ ସୃଷ୍ଟି । ପଣ୍ଡିତ ନେହୁରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳେ ଦିନକୁ ୨୫୦୦୦ ଟଙ୍କା ଖର୍ଚ୍ଚ ହେଉଥିଲା ତାଙ୍କପାଇଁ ଅଥଚ ଲୋକଙ୍କ ମଜୁରି ଥିଲା ତିନିଅଣା । ଏହିକଥା ଲୋହିଆ ନେହୁରୁଙ୍କ ଦୃଷ୍ଟି ଆକର୍ଷଣ କରନ୍ତେ, ସେ କହିଲେ, "ଯୋଜନା କମିଶନ କୁହନ୍ତି ଲୋକଙ୍କ ଦୈନିକ ଆୟ ପନ୍ଦର ଅଣା" । ସତରେ କାହିଁ ୨୫୦୦୦, କାହିଁ ତିନିଅଣା ବା ପନ୍ଦର ଅଣା । ଏମିତିରେ କ'ଣ ଲୋକଙ୍କ ଦୁଃଖ ଯିବ ?

ଦେଶର ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ସ୍ଥିତିର ଉନ୍ନତି କଲେ । ସେତାଙ୍କ ଲେଖା ଓ ଭାଷାରେ ବହୁ ସଚେତନତା ଶୁଣାଇଛନ୍ତି । ଏମିତିରେ ଧନୀ ଦରିଦ୍ର ଲୋକ ମଧ୍ୟରେ ପାର୍ଥକ୍ୟ ଜାତି-ଅସମାନତା, ପୁରୁଷ-ସ୍ତ୍ରୀ ଅସମାନତା ଏବଂ ବ୍ୟକ୍ତିଗତ ବ୍ୟାପାର ଓ ଗୋପନୀୟତା ଇତ୍ୟାଦି ଅନେକକଥା । ଯେହେତୁ ଭାରତ ଏକ କୃଷିପ୍ରଧାନ ଦେଶ, ସେ ପ୍ରାଥମିକ ଗୁରୁତ୍ୱ ଦେଉଥିଲେ କୃଷି ଉପରେ । କୃଷକମାନଙ୍କ ସମସ୍ୟା ଦୂରୀ କରଣ ନିମନ୍ତେ ସେ ଗଠନ କରିଥିଲେ 'ହିନ୍ଦ୍ କିସାନ ପଞ୍ଚାୟତ ।

ଦେଶବାସୀଙ୍କ ଏକତା ସୂତ୍ରରେ ବାନ୍ଧି ରଖିବାରେ ଚାହୁଁଥିଲେ ହିନ୍ଦିରାଷ୍ଟ୍ରଭାଷା ହେଉ, ଇଂରାଜି ନୁହେଁ । ଏହା ଉଭୟ ଶିକ୍ଷିତ ଓ ମୂର୍ଖବୁଝିପାରିବେ । ସେ ଜାତି ପ୍ରଥାର ବିରୋଧିଥିଲେ । ସେ ଏହାର ସମୂଳ ନିପାତ ଚାହୁଁଥିଲେ ଏବଂ କହୁଥିଲେ ଏହାର ଏକମାତ୍ର ସମାଧାନ ହେଉଛି 'ରୋଟି ଓ ବେଟି' ଅର୍ଥାତ୍ ଏକାଠି ଖାଅ ଏବଂ ବିବାହରରେ ଯେ କୌଣସି ଝିଅଟିଏ ଗ୍ରହଣ କରିବ ଜାତି ଅର୍ଥରେ ନୁହେଁ । ସେମିତି ଚାହୁଥିଲେ ରାଜନୀତିରେ ତଳିଆ ଜାତି, ସଂଖ୍ୟକୁ ସଂଖ୍ୟାଲଘୁ ଓ ନାରୀମାନଙ୍କୁ ୬୦% ଆସନ ମିଳୁ । ସବୁ ବିଦ୍ୟାଳୟଗୁଡ଼ିକ ସରକାରୀ ବିଦ୍ୟାଳୟହେଲେ ସମସ୍ତେ ସମାନଶିକ୍ଷା ପାଇବେ ଘରୋଇ ବିଦ୍ୟାଳୟ ବନ୍ଦହେଉ । ଅହିଂସା ପ୍ରେମୀ ଅଥଚ ଯେତେବେଳେ ୧୯୬୨ରେ ଚୀନା ଭାରତ ଆକ୍ରମଣ କଲା, ସେ କହିଲେ ଦେଶରକ୍ଷା ପାଇଁ ଭାରତ ବମ୍ ପ୍ରସ୍ତୁକର । ଏହା ଅବଶ୍ୟ ଆମକୁ ଆଚମ୍ଭିତ କଲା ଅଥଚ ଏହାହିଁ ଯୁଗନେଇ ଯଥାର୍ଥ ଥିଲା ।

ଏମିତି ଜଣେ ଦେଶ ମହାନାୟକଙ୍କର ମହାପାରାୟଣ ଘଟିଲା ୧୨ ଅକ୍ଟୋବର ୧୯୬୭ରେ । ସାରାଜୀବନ କଟିଲା ଅବିବାହିତରେ ଦେଶ ସେବାରେ ଏବଂ ମରଣ ବେଳ ଗଲେ ଜଣେ ଫକୀର ଭାବରେ କିଛି ବି ସଂପତ୍ତି ବା ବ୍ୟାଙ୍କ ମହଜୁଦ୍ ନଛାଡ଼ି ଅଥଚ ଆଜି ନେତାଏ କରୁଛନ୍ତି କ'ଣ ?

ଆମେ ତାଙ୍କୁ ଭୁଲିବାର ନାହିଁ । ତାଙ୍କପାଇଁ ଅଶୁଝା ଋଣ ତଥାପି ମନେରଖିବା ସ୍ମୃତିରେ କରିଛୁ କିଛି ଅନୁଷ୍ଠାନ; 'ଡ଼ ରାମମୋହନ ଲୋହିଆ ନ୍ୟାସନାଲ୍ 'ଇଉନିଭରସିଟ୍, ଲକ୍ଷ୍ନୌ', 'ଡ଼. ରାମମୋହନ ଲୋହିଆ ହସପିଟାଲ୍, ନିଉଦିଲ୍ଲୀ', 'ଡ଼. ରାମ ମୋହନ ମୋହିଆ ଇନ୍‌ଷ୍ଟିଟିଉଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସ', 'ଡ. ରାମମୋହନ ଲ' କଲେଜ, ବାଙ୍ଗାଲୋର ୟୁନିଭରସିଟ୍ ।' ଏହା ସହିତ '୧୮ଜୁନ୍ ରୋଡ଼' ପେଞ୍ଚମ, ଗୋଆକୁ ତାଙ୍କ ନାମରେ ନାମିତ ହୋଇଚି । ଦେଶ ବ୍ୟାପୀ ଅନ୍ୟାନ୍ୟ ଅନୁଷ୍ଠାନ ମଧ ଗଢ଼ି ଉଠିଛି । ଏହାବିତ ଯଥେଷ୍ଟ ନୁହେଁ, ତାଙ୍କ ଆଦର୍ଶ ଓ ନୀତିକୁ ଗ୍ରହଣ କରିପାରିଲେ, ତାହାହିଁ ହେବ ଯଥାର୍ଥ । ସେ ଆମର ଥାଆନ୍ତୁ । ତାଙ୍କ ଆଶୀର୍ବାଦ ଏ ଜାତିପ୍ରତି ଥାଉ ।।

+ ଅଧକ୍ଷ, ଓଡ଼ିଶା ଭାଷା
ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା,
ମୋ: ୯୯୩୮୩୪୧୩୮

ମାୟାଧର ନାୟକ

# ରାଜନୀତିର ଋତୁ ବସନ୍ତ ନୁହେଁ, ହନ୍ତସନ୍ତ



ନିର୍ବାଚନ ପରେ
ନିର୍ବାଚନ ।
ରାଜନୀତିରମଇଦାନ
ଯେପରି ପାଲଟି
ଯାଇଛି
ରଣାଙ୍ଗନ । ଏ
ଭୂମି ଭୋଗିଛି କେତେକେତେ
କର୍ମରକ୍ଷଣ, ଧର୍ମର ଧର୍ଷଣ,
ମର୍ମବିଦାରକ ଆତ୍ମବିଭାଜନ -
ଶୁଣିଛି ଭାଗ୍ୟ ବଦଳାଇଦେବାର
ଭୂରିଭୂରି ଭାଙ୍ଗଖିଆ ଭାଷ୍ୟ ଓ
ଭାଷଣ - ଭବ୍ୟଭବିତବ୍ୟଟିଏ
ଭେଟାଇ ଦେବାର ଅପର୍ଯ୍ୟାପ୍ତ
ଆସ୍ଫାଳନ । ଏ ବୃହତମ ଗଣତନ୍ତ୍ର
ଦେଖିଆସିଛି କେତେକେତେ କ୍ଷୁଦ୍ରତାର
କ୍ଷୁରଚିହ୍ନ - ପିଢି ପରେ ପିଢି
ପୀଡିତ ପୌରୁଷରକ୍ଷତ ଚିହ୍ନ ।
ବସ୍ତ୍ରହରଣଠୁ ଭୂମିହରଣ ପର୍ଯ୍ୟନ୍ତ
ବହୁ ଅଘଟଣ ଅଙ୍ଗେ ନିଭାଇ
ଆସିଛି ଏ ଜନଜୀବନ ।
ରାଜନୀତିର ଋତୁବସନ୍ତ ନୁହେଁ,
ହନ୍ତସନ୍ତ ! ଏ ହନ୍ତସନ୍ତ ଋତୁରେ
ଆମ ରାଜନୈତିକ ମଣିମାଏ
ମଣିଥାନ୍ତି; ଜନ ଜରଦ୍‌ଗବ - ଗଣ
ଗର୍ଦ୍ଦଭ - ମନ ମାଦଳ । ଏ
ମଣିଷକୁ ପଥର କଳାକିଏ - ପାଠ୍ୟ
ପୁସ୍ତକର ପୃଷ୍ଠାରୁ ପୃଥିବୀ ସାରା
ପ୍ରଶ୍ନଟି ପରି ପ୍ରସରି ଯାଉଛି ଯେମିତି
ଗତ ସମୟର ଏହି ଗଳ୍ପଶୀର୍ଷକ ।
ରାଜ୍ୟଟିଏ ଅଛି, ରାଷ୍ଟ୍ରଟିଏ ଅଛି,
ରାଜନୀତି ଚାଲିଛି - ହେଲେ ଗୁରୁଣ୍ଡି
ପାରୁନି ଗଣତନ୍ତ୍ର - ଯଦିଚଏବେ
ମଧ ବଂଚିଛି ! ବଂଚିଛି ଯେ -
ମାତ୍ର ସଂଚିଛିକିସେଇ ସ୍ୱାଧୀନତାର
ସ୍ୱପ୍ନ, ସ୍ୱାଧିକାରର ସ୍ୱାକ୍ଷର,
ସ୍ୱାଭିମାନର ସଂକଳ୍ପ ?
ଏ ମଣିଷଗଢିଛି ଈଶ୍ୱରଠୁ ଇତିହାସ
- ସଭ୍ୟତାସଂସ୍କୃତି । ତାକୁ
କିନ୍ତୁଭାଙ୍ଗିଛି, ଭାଙ୍ଗୁ ଚିରାଜନୀତି ।
କେବେ ସେ ସିପାହି ତ ଆଉ
କେବେସହିଦ୍ - କେବେ କରୁଣା
ପ୍ରାର୍ଥୀ ତ ଆଉ କେବେ ଶରଣାର୍ଥୀ
- କେବେ ସତୀର୍ଥ ତ ଆଉ କେବେ
ଅତୀର୍ଥ ! କୌଣସି ଗୋଟିଏ ସ୍ଥିର
ବିନ୍ଦୁରେ ରହିପାରିନି ସେ । ନିଜକୁ
ବିଶେଷ ଭାବରେ ସ୍ଥାପିତ କରିବାର
ଅଭିଯାନରେ ସ୍ଥବିରତନ୍ତ୍ରୀ ରାଜନୀତି
ଯେପରି ମଣିଷକୁ କେବଠୁ
କରିସାରିଛି ବିସ୍ଥାପିତ !
ସଂସ୍ଥାପିତ ରାଜନୀତି ଓ ବିସ୍ଥାପିତ
ମଣିଷ ମଝିରେ ଅବସ୍ଥାପିତ ଏ
ଗଣତନ୍ତ୍ର ଗୋବର ଗଣେଶ ! ନୀତି
ବଦଳୁଛି, ସ୍ଥିତି ବଦଳୁନି ।
ଯୋଜନା ସୁରୁହେଲା ପରେ
ବିଶେଳଚନା ସରୁନି । ମାଟିକୁ
ମାନଚିତ୍ର ମନେ କରୁଥିବା
ରାଜୀନତିର ମୁଣ୍ଡିଆଳ
ମହାମହିମବର୍ଗ ମଣିଷକୁ
ମୂଲ୍ୟସୂଚୀର ଖୁଚୁରାଦରରେ ହିଁ
ଖର୍ଦ୍ଦି କରିବାର ମତଲବୀ ଧାରା
ବଜାୟ ରଖିଛନ୍ତି । ଏପଟେଜେଟ୍
ପାଇଁ ବଜେଟ୍ ଅଛି, ସେପଟେ
ସ୍ଲେଟ୍ ପାଇଁ ଆଦିବାସୀ ପିଲାଟି
ପକେଟ୍‌ରେ ଫଟା ପାହୁଲାଟେ ନାହିଁ ।
ତାରତମ୍ୟ ଭିତରେ ଭୁଶୁଡି ପଡିଛି
ଭାରସାମ୍ୟ । ଅର୍ଦ୍ଧବିକଶିତ
ଅର୍ଥନୀତିର ପ୍ରକ୍ରିୟାକୁ ଅକ୍ରିୟାର
କରିଚାଲିଛି ଅପଚୟ ଓ ଅପବ୍ୟୟର
ଅବକ୍ଷୟୀ ରାଜନୀତି । ହୁକୁମ୍
ଆଗରେ ହକ୍‌ରହାଲ୍ଲାଶୁଣା ଗଲେ
ହାଉଳି ଖାଉଛି ହାକିମହୁକୁମାଙ୍କ
ହାୱା ମହଲ ।
ଦଳବହୁଳ ରାଜନୀତି । ଏକଦଳୀୟ,
ଦ୍ୱିଦଳୀୟ, ବହୁଦଳୀୟ ଶାସନ
ବ୍ୟବସ୍ଥାରେ ବ୍ୟୂହବଦ୍ଧ ନିର୍ଦ୍ଦଳୀୟ
ଜନସମୁଦାୟ । ସେମାନେ
ରାଜନୀତି କରନ୍ତି ନାହିଁ, ଦଳ
ଗଢନ୍ତି ନାହିଁ - କିନ୍ତୁ ସେମାନଙ୍କ
ନାଆଁରେ ରାଜନୀତି କରାଯାଏ,
ଦଳ ଗଢାଯାଏ । ଶାସନର
ଶିଳରେ ଦେଶର ବେସର
ବଟାଯାଏ । ମାଲ୍‌ମସାଲା ମାଗି
ଅଣାଯାଏ ମୁନାଫାଖୋର୍
ମହଜୁଦକାରୀ ମାନଙ୍କଠୁ । ନିର୍ଦ୍ଦଳୀୟ
ଜନସମୁଦାୟ ପ୍ରତି ଅନୁରାଗ ନୁହେଁ,
ଅନୁଗ୍ରହ ପ୍ରଦର୍ଶନ କଲା
ପରିମଂଚାସୀନ ହୁଏ ଦଳୀୟ
ରାଜନୀତି । ଦେଶର ବିପତି
ତାଲିକା ପରସ୍ତ ପରସ୍ତ ହୋଇ
ଯେତେ ବଢୁଥାଏ, ଦଳର ସଂପତି
ତାଲିକା ଲୟରରେ ଚୌଡାରେ
ସେତେ ମାଡୁଥାଏ - ବିଧବାଭତାଠୁ
ଆରମ୍ଭ କରିବାର୍ଦ୍ଧକ୍ୟଭତା ଯାଏଁ,
ଗାଆଁଗଣ୍ଡାରେ ଗରିବ ମଜୁରିଆଙ୍କୁ
ମହାମ ୍ଗାନ୍ଧୀ ଗ୍ରା ମୀଣ
କର୍ମନିଯୁକ୍ତି ଯୋଜନାର ରୂପାୟନଠାରୁ
ବିଦ୍ୟାଳୟୀ ବାଳୁତ ବର୍ଗଙ୍କୁ ମ
ାହାଲିଆ ମଧ୍ୟାହ୍ନ ଭୋଜନରେ
ଆପ୍ୟାୟନ ଯାଏ କେତେକେତେ
କରାମତି ମରାମତି ଭିତରେ ବି
ଚାଷୀ ମୂଲିଆର ଫଟାମାଟି ମୁଣ୍ଡ
କୋଡୁଥାଏ - ଏଣେ କିନ୍ତୁ ଜଳଜମି
ଜଙ୍ଗଲର ଜବର ଦଖଲକାରୀ
ଜଲ୍ଲାଦତନ୍ତ୍ର ବିରୋଧରେ ଗରିବ
ଗୁରୁବାର ଗୌଣଗଣତନ୍ତ୍ର ଲହର
ଉଠାଇ ଲଢୁଥାଏ ।
ଅକଳିତ ଅବ୍ୟବସ୍ଥା ସତ୍ତ୍ୱେ ବ୍ୟବସ୍ଥା
ବଦଳୁ ନଥାଏ । ରେଡ୍‌କାର୍ପେଟ୍‌ରେ
ରାଜନୀତି ଚାଲୁଥିଲା ବେଳେ
ରେସ୍‌କୋର୍ସ ପଡିଆରେ ଦଳ
ଦଉଡୁଥାଏ । ଜନତା ପଲ୍ଲୀରେ
ପଡିଥିବା ବେଳେ ନେତା ଦରବାର
କରୁଥାଏ ଦିଲ୍ଲୀରେ । କାହିଁକିନା
ଇଏ ରାଜନୀତିକ କାରବାର ।
ପତାକା ରାଜଧାନୀରେ ଉଡୁଥିବା
ବେଳେ ପଟୁଆର ରାଜରାସ୍ତାରେ ।
କାହିଁକିନା ଇଏ ଦଳୀୟ ବ୍ୟାପାର ।
ଦଳ ଆଉ ରାଜୀନତି - ରାଜନୀତି
ଆଉ ଦଳ - ଏଯାଏଁ ଆମେ
ଦୁଇଟାକୁ ଗୋଟାଏ ନଜରରେ
ନିରେଖି ଆସିଛୁ କେବଳ । ଏବଠୁ
ନିଆରା ଆଖିରେ ନଜର ଅନ୍ଦାଜ
କରିବାକୁ ପଡିବ ଦଳ ଓ ରାଜନୀତି
କାହା ପାଇଁ, କାହାକୁ ନେଇ ।
ନିର୍ଦ୍ଦଳୀୟ ଜନସମୁଦାୟ ଗୋଟିଏ
ରାଜନୀତିର ମଇଦାନରେ ଦେଖି
ଆସିଛନ୍ତି ହରେକ୍‌ରକମର ଦଳ ।
ଏ ଦଳ - ସେ ଦଳ - ଅନେକ
ଦଳର ରାଜନୀତି ପ୍ରକୃତରେ
ଦେଶରମଣିଷ ପାଇଁ କେତେ
ଅଟକଳ, କେତେ ଆକଳନ
କରିଥାଏ, ସେବାବଦରେ ବାବଦୂକ
ବର୍ଗ ଯେତେ ବାଗାଡମ୍ବର କରୁଥିଲେ
ହେଁ ଖୋଦ୍ ଦେଶର ମଣିଷମୂକ ।
ତା' ଭାଷା ରାଜନୀତିର
ପରିଭାଷାରେ ପରିଣତ ହୋଇପାରିନି
ଏଯାଏଁ । ତା' ଭାବ ଦଳର
ବହୁମତ ସମର୍ଥିତ
ବୋଧଗମ୍ୟତାଠାରୁ ଏବେବି
ଦୂରରେ । ଏବେ ସମୟ ଆସିଛି,
ଦଳ ଓ ରାଜନୀତିର ଦରବାରକୁ
ମଣିଷ ନ ଯାଇ ମଣିଷ ପାଖକୁ
ଯିବ ଦଳ ଓ ରାଜନୀତି । ମଣିଷ
- ସେ ମଣିଷକୁ କିନ୍ତୁ ଲୋଡାଯିବ
କେବେ ? ଖୋଜାଯିବ କେଉଁଠି ?
ସେ କ'ଣ ପାଉଁଶ ପାଟବିଲର
ପାଳଭୂତ ? ଫାଙ୍କା ଚାଷଜମି
ସେପଟେ ତା' ବାସ ଉଜାଡି ଦେଇ
ସେ ତ କେବଠୁ ଫେରାର୍ ! ସେ
କ'ଣ ପୋଡା ପାହାଡର
ପହରାଦାର୍ ? ଆମେ ତ ତା'
ପାହାଡରୁ ପଥର ତାଡି ନେଇ
ତିଆରି କରିଚାଲିଛେ ଆମ
ରାଜପଥ ! (କ୍ରମଶଃ)

+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

କବିତା କୋଣାର୍କ

## ବାପା...



ସୁଦର୍ଶନ ମହାପାତ୍ର

ତୋରାଣି କଂସାରେ
ଅମୃତ ମଣୋହି କରି
ଭାଗ୍ୟ ସହ ନିତି ଯୁଝି
ଭୋକର ଭୂଗୋଳକୁ

ଚିରା ଗାମୁଛାରେ ଢାଙ୍କିବାରେ
ପ୍ରୟାସ କରୁ କରୁ
ପରିବାର ପାଇଁ ଖୁସି ଯୋଗାଡୁଥିବା
ବିଜୟୀ ସମ୍ରାଟ- "ମୋ ବାପା" ।

ରୌଦ୍ରତାପର ତାଣ୍ଡବରେ
ନିଃଶେଷ ହୋଇଥିବା ଦୁବ
ଆଷାଢ଼ ଛୁଆଁରେ
ଆଖିମେଲିବା ଭଳି
ଆଶାର ବୁନ୍ଦାଏ ଜଳରେର ବି

ଅଙ୍କୁରୋଗଦମ ହୋଇ,
ଅବିନାଶୀ ଇଚ୍ଛା ତାଙ୍କର
ଆଖିମେଲେ
ଅନୁଭବରେ ଦୃଶ୍ୟ ହୁଏ-
ଛୋଟିଆ ଅଭାବୀ ସଂସାର ହିଁ
ତାଙ୍କ ଖୁସିର ସାମ୍ରାଜ୍ୟ !

ପ୍ରଜାପତିର ଡେଣାକୁ ସିନା
ଅକୁଳନ ହୋଇପାରେ
ବଗିଚାର ପରିସୀମା
ବାପା କିନ୍ତୁ ଖୋଜୁଥାନ୍ତି ମୋ ପାଇଁ
ତାରା ଓ ଜହ୍ନର ଠିକଣା !
ଯଦିଓ ଚାଖଣ୍ଡେ ସେଇଁଲେବି

ହାତେ ଚିରିଯାଏ
ତଥାପି, କ'ଣ ତାଙ୍କ ସ୍ୱପ୍ନ ସରେ ?
ନିଜ ସୁଖ ତୁଚ୍ଛ ହୁଏ
ରକ୍ତ ପୁଣି ପାଣି ହୋଇ ଝରେ
ମିଳିଯାଏ ମୋତେ କିନ୍ତୁ
ଅସୁମାରୀ ଖୁସିର ପାଉଣା ।

ନୁଖୁରା ସ୍ୱପ୍ନଙ୍କୁ
ଖରାର ହଳଦୀ ମଖେଇବାର
ଢ଼େର ଆଗରୁ...
ଅନେକ ସମୟରେ
ନିଖୋଜ ହୋଇଯାଏ ସକାଳ

ଯଦିଓ, ଦୁଶ୍ଚିନ୍ତାର ଝାଂଜିରେ
ଅହରହ ସୁଝୁଥାନ୍ତି ବାପା
ଜୀବନର ମଧ୍ୟାହ୍ନରୁ ଦ୍ୱିପ୍ରହର ।

ତଥାପି, କିଏ ଯେମିତି
ସାନ୍ତ୍ୱନାର ବାରି ଢାଳି
ଶିତଳାଉଥାଏ ତାଙ୍କ ହୃଦତଳ
ଅମା ଅନ୍ଧକାର କାଟି

କାଲି ନିଶ୍ଚେ ଦୃଶ୍ୟ ହେବ
ସ୍ୱପ୍ନର ନୂତନ ସକାଳ
ଖରା ଝଲମଲ....!!!

+ କୁଞ୍ଜବିହାରୀ ଲେନ, କଟକ

## ଦୁର୍ଗାପୂଜା ଆସୁଛି...

ସମ୍ବେଦନା ମିଶ୍ର

ମା' ଦୁର୍ଗାଙ୍କର ପୂଜା ଆସୁଛି
ଭାରି ଫିକା ଫିକା ମନ ଲାଗୁଛି
କରୋନା ବିପତ୍ତି ଏବେ ପଡ଼ିଛି
ସଂକ୍ରମଣ ଭୟ ତେଣୁ ଘାରୁଛି ॥

ମିଳିବନି ତାଙ୍କ ଦିବ୍ୟ ଦର୍ଶନ
କଟକଣାରେ ହେବ ଆବାହନ
ଭିଡ କରିବେନି ଯାନବାହନ
ମେଢ଼ ବୁଲିବାକୁ କରି ବାରଣ ॥

ହେବ ନାହିଁ ଆଉ ତୋରଣ ସଜା
ଭାଙ୍ଗିଗଲା ଆମ ପୂଜାର ମଜା
ମିନା ବଜାରକୁ ସରକାରୀ ମନା
ପୂଜା ହେବେ ମା' ଭକ୍ତଙ୍କ ବିନା ॥

ମା'ଙ୍କୁ କରିବା ଆମେ ବିନତି
ଟାଳି ଦେବେ ସେ ସବୁ ବିପତ୍ତି
ଶୁଣିବେ ଆମର ଦୁଃଖ ଗୁହାରି
ସୁଖଶାନ୍ତି ଆମ ଆସିବ ଫେରି

+ ସମ୍ପିତ ଭିଲ୍ଲା, ଘାଟିକିଆ,
ଭୁବନେଶ୍ୱର

## ବିଶ୍ୱର ବିସ୍ମୟ: ମରୁ ସାଗର ବା ଡେଡ୍ ସି

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



ବାଇବେଲ ବର୍ଣ୍ଣିତ ପୁରାତନ ପାଲେଷ୍ଟାଇନ ଭୂମି ଓ ବର୍ତମାନ ଇସ୍ରାଏଲ ତଥା ଜୋର୍ଡାନ ରାଷ୍ଟ୍ରରେ ଥିବା ମରୁ ସାଗର ବା ଡେଡ୍ ସି ବିଶ୍ୱର ଏକ ବିସ୍ମୟ ବୋଲି ବିବେଚନା କରାଯାଏ । ଏହାର ଆୟତନ ପ୍ରାୟ ୬୨୦ ବର୍ଗ କିମି ଓ ହାରାହାରି ଗଭୀରତା ୧୯୯ ମିଟର । ସମୁଦ୍ର ପତନରୁ ଏହା (-୪୩୦) ମିଟର ନିମ୍ନରେ ରହିଛି ଓ ଏହାବିଶ୍ୱ ର ସର୍ବନିମ୍ନ ଭୂମିସ୍ତର ଅଟେ । ନିମ୍ନ ସ୍ତର ରେ ଥିବାରୁ ଏଠାରେ ବାୟୁଚାପ,ଅମ୍ଳଜାନ ସାନ୍ଦ୍ରତା, ତାପମାତ୍ରା ସମୁଦ୍ରପତନ ଠାରୁ ତିନି ଶତକଡା ଅଧିକ । ଅନୁମାନ କରାଯାଏ ଲକ୍ଷଲକ୍ଷ ବର୍ଷ ତଳେ ଏହା ଭୂମଧ୍ୟସାଗର ର ଅଂଶ ଥିଲା । କାଳ କ୍ରମେ ଭୂଚଳନ ଓ ସ୍ତର ଚ୍ୟୁତି (Tetonic drift) ଯୋଗୁ ଏକ ବିଶାଳ ରିଫ୍ଟ ଭ୍ୟାଲି (ଜସଲକ୍ସ ଠବକ୍ଷକ୍ଷରଛ) ସୃଷ୍ଟି ହୋଇ ପୂର୍ବ ଆଫ୍ରିକା କୁ ବିସ୍ତାରିତ ହେଲା । ଏହା ଫଳରେ ଯେଉଁ ଗ୍ରସ୍ତ ଉପତ୍ୟକା ସୃଷ୍ଟି ହେଲା, ଅପର ଜୋର୍ଡାନ, ଗାଲିଲି ହ୍ରଦ, ଲୋଅର ଜୋର୍ଡାନ ଡେଡ୍ ସି, ରେଡ ସି ସୃଷ୍ଟି ହେଲା। ପ୍ରଥମେ ଏହ ସେଡମ ଲେଗୁନ ଆମୋରା ହ୍ରଦ ବୋଲି ନାମିତ ଥିଲା । ଏହି ମରୁ ସାଗର ବୃଷ୍ଟି ହିନ ଅଂଚଳରେ ରହିଛି । ବର୍ଷକୁ ମାତ୍ର ୨ରୁ ୪ ଇଂଚ ବର୍ଷା ହୁଏ । ନିମ୍ନରେ ଅବସ୍ଥିତି ଯୋଗୁ ଭୂମିର ଲବଣ ହଜାର ହଜାର ବର୍ଷ ଧରି କାଚମେଂଟ ଏରିଆ ରୁ ଜଳ ସହ ବହି ଆସି ହ୍ରଦରେ ମିଶୁଛି ଓ ହ୍ରଦ ରୁ ବାଷ୍ପିଭବନ ପରେ ଜଳ ସହ ରହିଯାଉଛି । ଏହା ପୃଥିବୀର ସବୁଠାରୁ ଲବଣାକ୍ତ ଜଳର ଭଣ୍ଡାର । ମହାସାଗର ଠାରୁ ୯ଗୁଣ ଲବଣାକ୍ତ ।ଏକ ଲିଟର ଜଳରେ ୩୩୦ ଗ୍ରାମ ଲୁଣ ଥାଏ । ଜଳର ସାନ୍ଦ୍ରତା ୧.୨୫ ଅଟେ । ଲବଣାକ୍ତ ଯୋଗୁ କୌଣସି ଜଳଚର ପ୍ରାଣୀ ବା ଉଦ୍‌ଭିଦ ବଂଚି ପାରନ୍ତି ନାହିଁ । ସେଥିପାଇଁ ଏହାର ନାମ ଡେଡ ସି ରଖା ଯାଇଛି । ପହଁରା ଜାଣି ନଥିବା ଲୋକ ହ୍ରଦରେ ବୁଡି ଯିବ ନାହିଁ, ଭାସି ରହିବ । ଏହି ହ୍ରଦରେ ଜୋର୍ଡାନ ନଦୀ ପଡିଛି । ଏହାର କୂଳରେଥିବା ଗୁମ୍ଫା ମାନଙ୍କରେ ସନ୍ୟାସୀ ମାନେ ବାସ କରୁଥିଲେ। ସେମାନେ ପତ୍ର ଓ ବଳକ୍‌ଲରେ ପୋଥି ମାନ ଲେଖି ଯାଇଥିଲେ । ଯାହା ଉରବୟ ଝରବ ଝମକ୍ସକ୍ଷକ୍ଷ ନାମରେ ବିଖ୍ୟାତ ହୋଇଛି 1 ଏହା ଚାରିକଡରେ ବାଇବେଲ ବର୍ଣ୍ଣିତ କାହାଣୀର ଚିହ୍ନ ମାନ ଦେଖାଯାଏ । ପବିତ୍ର ସହର ଜେରୁଜାଲେମ, ଜୁଡାଇ ହିଲସ, ଲବଣ ପାହାଡ ସେଡନ, ମାଉଂଟ ଅଲିଭ, ଆଲ ଆସକ୍ସା ମସଜିଦ, ଯୀଶୁ ଙ୍କ ଜନ୍ମ ସ୍ଥାନ ବେଥେଲହାମ, ତାଙ୍କର କବର ସ୍ଥାନ, ଶେଷ ରାତ୍ର ଭୋଜନ, ଗାଲିଲି ହ୍ରଦ କୂଳରେ ମୃତ୍ୟୁ ପରେ ପୁନଃ ଆର୍ବିଭାବ, ରାଜା ସୋଲେମନ, ଡାଭିଡଙ୍କ ଦ୍ୱାରା ତିଆରି ମନ୍ଦିରର ଚିହ୍ନ ମାନ ଦେଖା ଯାଏ । ଏହାର କୂଳ ଦେଇ ଓଲଡ ଟେଷ୍ଟାମେଂଟ ବର୍ଣ୍ଣିତ ମହାପୁରୁଷ (ମୋଷେ, ଆବ୍ରାହମ) ମାନେ ୧୨ ଇସ୍ରାଏଲ ଜାତି ଲୋକ ମାନଙ୍କୁ ଧରି ବିପଦରୁ ରକ୍ଷା ପାଇଁ ବାରମ୍ବାର ପଳାୟନ କରି ପୁଣି ଫେରିଛନ୍ତି । ଏସବୁ ଦେଖିବାକୁ ପୃଥିବୀର ପ୍ରତି କୋଣରୁ ଲକ୍ଷଲକ୍ଷ ଭ୍ରମଣକାରୀ ଏଠାକୁ ଆସନ୍ତି । ସେମାନଙ୍କ ପାଇଁ ଇସ୍ରାଏଲର୧୫ ଟି ଓ ଜୋର୍ଡାନର ୯ ଟି ବିଶ୍ୱସ୍ତରିୟ ହୋଟେଲ ଅଛି । ଡେଡ ସି ଉପତ୍ୟକାରେ ପଟାସ, ସୋଡିଅମ, କ୍ଲୋରାଇଡ, ବ୍ରୋମାଇଡ, ନାଇଟ୍ରେଟ ମାଙ୍ଗାନିଜ ଭଳି ଅନେକ ଲବଣ ମିଳେ । ଏହାଛଡା ଆସଫାଲଟ ମଧ୍ୟ ମିଳେ । ଆଗେ ମିଶରୀୟ ମାନେ ଆସଫାଲଟ ନେଇ ମମି ତିଆରି କରୁଥିଲେ । ଏସବୁ ତିଆରି ପାଇଁ ହ୍ରଦ ଚାରିକଡରେ ଅନେକ କାରଖାନା ଅଛି ଓ କୋଟି କୋଟି ଟଙ୍କାର ରପ୍ତାନୀ ହୋଇ ପାରୁଛି ।ଏହି ସ୍ଥାନ ବାଇବେଲ ଯୁଗରୁ ସ୍ୱାସ୍ଥ୍ୟ ପରିବର୍ତନ ପାଇଁ ଉପଯୁକ୍ତ ସ୍ଥାନ ବୋଲି ବ୍ୟବହୃତ ହୋଇ ଆସୁଛି। ଦିନ କୁ ଦିନ ଏହାର ଜଳ ସ୍ତର କମିବାରେ ଲାଗିଛି ।୧୯୩୦ ମସିହାରେ ୧୦୦୦ ବର୍ଗ କିମି ଥିବା ହ୍ରଦର ଆୟତନ ମାତ୍ର ୬୦୦ବର୍ଗ କିମି ହୋଇ ଗଲାଣି । ସେଥିପାଇଁ ଲୋହିତ ସାଗରରୁ ଜଳ କେନାଲ ଦ୍ୱାରା ଆଣି ଏହାର ଜଳ ସ୍ତର ବୃଦ୍ଧି ପାଇଁ ଯୋଜନା ଆରମ୍ଭ ହୋଇଛି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

## ମଞ୍ଜା ପକୁଡି



ମଞ୍ଜାର ଉପକାରିତା ଜାଣିଥିଲେ ମଧ ଅନେକେ ଏହାକୁ ଖାଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ଏକ ଖାଦ୍ୟ ପ୍ରସ୍ତୁତ କଲେ ଏହା ନିଶ୍ଚୟ ସ୍ୱାଦିଷ୍ଟ ଲାଗିବ। ଆବଶ୍ୟକ ସାମଗ୍ରୀ: ଚୁନ୍‌ଚୁନ୍ କଟାଯାଇଥିବା କପେ ମଞ୍ଜା, ବେସନ ୧କପ୍, ୨-୩ଟି କଞ୍ଚାଲଙ୍କା, ଛୋଟ ପିଆଜ ଗୋଟିଏ, ୪-୫ କୋଲା ରସୁଣ, ଜିରା ୧ଚାମଚ, କିଛି ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ ଏବଂ ଛାଣିବା ପାଇଁ ତେଲ। ପ୍ରସ୍ତୁତି: ମଞ୍ଜା ଚୁନ୍‌ଚୁନ୍ କାଟି ଧୋଇବା ପରେ ଚୁପୁଡି ରଖିଦେବେ। ସେଥିରେ ବେସନ, ଛୋଟ ଛୋଟ କଟାଯାଇଥିବା କଞ୍ଚାଲଙ୍କା, ପିଆଜ ରସୁଣ, ଏବଂ ଧନିଆପତ୍ର, ଜିରା ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ମଞ୍ଜାରେ ପାଣି ଥିବାରୁ ଏହାକୁ ଗୋଳାଇବା ବେଳେ ପାଣି ଦରକାର ହେବନାହିଁ। ଶୁଖିଲା ଗୋଳାଇବା ପରେ ଟିକେ ସମୟ ତେଲ ଗରମ କରି ପକୁଡି ପରି ଛାଣନ୍ତୁ। ସାଙ୍ଗେ ସାଙ୍ଗେ ଛାଣିବାକୁ ଚାହଁଥିଲେ ଏଥିରେ ଟିକେ ଖାଇବା ସୋଡା ପକାଇ ପାରିବେ। ମଞ୍ଜା ପକୁଡିକୁ ଗରମ ଗରମ ନିଜ ପସନ୍ଦର ସସ୍ ସହିତ ପରସି ଦିଅନ୍ତୁ

## କମ୍ ଲୁଣ ଖାଉଥିଲେ ରହନ୍ତୁ ସତର୍କ



♦ଆମ ଶରୀରରେ ସୋଡିୟମ୍‌ର ମାତ୍ରା କମ୍ ହେଲେ ମୁଣ୍ଡ ବୁଲାଇବା, ଥକ୍କା ଲାଗିବା, ସ୍ମୃତି ଶକ୍ତି ହ୍ରାସ ପାଇବା ଇତ୍ୟାଦି ସମସ୍ୟାମାନ ଦେଖାଦିଏ । ଆବଶ୍ୟକ ପରିମାଣରେ ଲୁଣ ବ୍ୟବହାର କରି ପ୍ରତ୍ୟେକ ବ୍ୟଞ୍ଜନ ଖାଇବା ଉଚିତ ।

♦ବିଶେଷଜ୍ଞଙ୍କ ମତରେ ଯଦି ଆପଣ ମଧୁମେହ ରୋଗୀ, ଉଚ୍ଚରକ୍ତଚାପ ରୋଗୀ, ଏଭଳି ସ୍ଥିତିରେ ଡାକ୍ତରଙ୍କ ପରାମର୍ଶ ନେଇ ଲୁଣର କମ୍ ବ୍ୟବହାର କରିପାରିବେ । ନିଜ ମନକୁ କିମ୍ବା ପରିବାରଲୋକଙ୍କ ପରାମର୍ଶରେ ଲୁଣ କମ୍-ବେଶୀ ବ୍ୟବହାର କଲେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପାରେ ।

♦ସୋଡିୟମ୍‌ର ମାତ୍ରା ଶରୀରରୁ କମିଲେ, ହୃଦ୍‌ଘାତ ହେବାର ଭୟ ବଢ଼ିଥାଏ । ଭାରତରେ ଏହି ବର୍ଗର ମୃତ୍ୟୁହାର ସଂଖ୍ୟା ସର୍ବାଧିକ ।

♦ସଚେତନ ରହିବା ସହ ଲୁଣର ଆବଶ୍ୟକ ପରିମାଣରେ ଉପଯୋଗ କରନ୍ତୁ । ଅଧିକ ପରିମାଣରେ ବ୍ୟଞ୍ଜନରେ ବ୍ୟବହାର କରିବା ମଧ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ।

ଖାଦ୍ୟ ବିଶେଷଜ୍ଞଙ୍କ ମତରେ କୌଣସି ଦ୍ରବ୍ୟର କମ୍ କିମ୍ବା ବେଶୀ ପରିମାଣ ବ୍ୟଞ୍ଜନରେ ଉପଯୋଗ କଲେ, ତାହାର କୁପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ସଠିକ୍ ମାତ୍ରାରେ ଚିନି, ଲୁଣ ଇତ୍ୟାଦିର ବ୍ୟବହାର ଦୈନନ୍ଦିନ ରନ୍ଧା ତରକାରିରେ ହେବା ଉଚିତ । ଅଧିକାଂଶଙ୍କ ଧାରଣା ଯେ ଲୁଣ ଖାଇଲେ ରକ୍ତଚାପ ବଢ଼ିବା ସହ ଶରୀରରେ ଅନ୍ୟ ଅସୁବିଧା ଉପୁଜିଥାଏ । ଏଭଳି ଚିନ୍ତାଧାରା ସେମାନେ ମନରୁ ବାହାର କରିବା ଜରୁରୀ । ଦୈନିକ ଯଥା ପରିମାଣର ଲୁଣ ଆମ ଶରୀର ଆବଶ୍ୟକ କରୁଥିବାବେଳେ ଏହାର ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବାର ବିଶେଷଜ୍ଞଙ୍କ ମତ ।

♦ଅଧିକ ଦିନ ଧରି ଲୁଣ ନ ଖାଇଲେ ମନୁଷ୍ୟ ଶରୀରରେ 'ଇଣ୍ଟରଲ୍ୟୁକିନ୍-୧୭' ଉତ୍ପାଦନ ବନ୍ଦ ହୋଇଯାଏ । ଏହା ଏକ ପ୍ରକାରର ଶ୍ୱେତ ରକ୍ତକୋଷିକା ଯାହା ବିଷ କଣିକାକୁ ନଷ୍ଟ କରିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ଏହି ରକ୍ତକଣିକାର ଅଭାବ ହେଲେ ସଂକ୍ରାମକ ରୋଗ ଶରୀରକୁ ଶୀଘ୍ର ଆକ୍ରମଣ କରୁଥିବାର ଅନୁଧ୍ୟାନରୁ ଜଣାପଡ଼ିଛି ।



## ସ୍ପେନ୍‌ରେ ହେବାକୁ ଯାଉଛି 'ଡାଇନୋସର୍ ଥିମ୍‌ପାର୍କ'



୨୦୧୧ରେ ସ୍ପେନ୍ ସରକାର ମାଲାଗାରେ ଡାଇନୋସର୍ ଥିମ୍ ପାର୍କର ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ । ଯଥା ଶୀଘ୍ର ଏହାର କାମ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ପାର୍କ ଖୋଲିବାକୁ ଯୋଜନା ଥିଲା । ମହାମାରୀ କାରଣରୁ ସେଠା ପ୍ରଶାସନ ଥିମ୍ ପାର୍କ ଖୋଲିବାର ସମୟ ଆସନ୍ତା ବର୍ଷକୁ ସ୍ଥଗିତ ରଖିଛନ୍ତି । କୋଟି କୋଟି ଟଙ୍କା ଏଇ ପ୍ରୋଜେକ୍ଟ ପାଇଁ ଖର୍ଚ୍ଚ ହୋଇଥିବାବେଳେ ପିଲାଠାରୁ ବୟସ୍କ ସମସ୍ତଙ୍କର ମନୋରଞ୍ଜନ ପାର୍କରେ ହେବ ବୋଲି କର୍ତ୍ତୃପକ୍ଷଙ୍କ ମତ । ମୋଟ୍ ୩୬ଟି ଡାଇନୋସର୍ ଡିଜାଇନ୍ ଏଠାରେ ରହିବେ ଓ କେତୋଟି ଡାଇନୋସର୍ ରୋବଟ୍ ରହି ମଧ ଦେଖଣାହାରୀଙ୍କ ମନୋରଞ୍ଜନ କରିବେ । ମହାମାରୀ ସମୟରେ ଦେଶର ପର୍ଯ୍ୟଟନ ସବୁଠୁ ଅଧିକ ପ୍ରଭାବିତ ହୋଇଥିବାବେଳେ ଆସନ୍ତା ବର୍ଷ ଏହି ଥିମ୍ ପାର୍କ ହିଁ ଦେଶବିଦେଶରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଆଣିବ ବୋଲି କର୍ତ୍ତୃପକ୍ଷ ଆଶା କରିଛନ୍ତି । ୩ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଟିକଟ୍ ମାଗଣା ଥିବାବେଳେ ଅନ୍ୟମାନଙ୍କ ପାଇଁ ଟିକଟ୍‌ର ପରିମାଣ ୧୬୫୮ ଟଙ୍କା ଧାର୍ଯ୍ୟ ହୋଇଛି । ଜାପାନର ଇଂଜିନିୟରଙ୍କ ସହାୟତାରେ ଏଇ ଡାଇନୋସର୍ ଥିମ୍ ପାର୍କ ତିଆରି ହେଉଥିବାର ପ୍ରକାଶ ।






## ଲେଗିଙ୍ଗ୍‌ସ ସହିତ ଫୁଟ୍‌ୱିଅର୍



ଆଜିକାଲି ଲେଗିଙ୍ଗ୍‌ସର ବ୍ୟବହାର ବହୁଳ ମାତ୍ରାରେ ହେଉଛି ଲେଗିଙ୍ଗ୍‌ସକୁ ସାର୍ଟ, ଟପ, କୁର୍ତ୍ତୀ ସହିତ ପିନ୍ଧି ହେବ ଓ ଯେ କୌଣସି ସ୍ଥାନକୁ ମଧ ଯାଇହେବ । ଲେଗିଙ୍ଗ୍‌ସକୁ ଭାରତୀୟ ଡ୍ରେସ ପରି ବା ପାଶ୍ଚାତ୍ୟ ଡ୍ରେସ ପରି ପିନ୍ଧିଲେ ମ୍ୟାଚ କରିବା ତାହା ଜାଣିହୁଏ ନାହିଁ । ନିମ୍ନରେ କେତୋଟି ଫୁଟ୍‌ୱିଅର ଦିଆଗଲା ଯାହାକୁ ଆପଣ ଲେଗିଙ୍ଗ୍‌ସ ସହିତ ପିନ୍ଧିଲେ ଭିନ୍ନ ଲୁକ ପାଇପାରିବେ ।



ୱେଜେସ୍- ଲେଗିଙ୍ଗ୍ ସହିତ ଯଦି ଭାରତୀୟ ଡ୍ରେସ ପେୟାର କରୁଛନ୍ତି ତେବେ ୱେଜେସ ଫୁଟୱିଅର ପିନ୍ଧି ପାରିବେ । କଳା ରଙ୍ଗର ୱେଜ ଯଦି ନେଉଛନ୍ତି ତେବେ ଏହା କେବଳ ଆରାମ ଦେବ ତାହା ନୁହେଁ, ପ୍ରତ୍ୟେକ ଡ୍ରେସ ସହିତ ଏହାକୁ ମ୍ୟାଚ କରି ପାରିବେ । କାକୁଆଲ ୱେଜେସକୁ ଆପଣ ଲେଗିଙ୍ଗ୍ ସହିତ କମ୍ପେୟାର କରନ୍ତୁ ।

ସ୍ନିକର୍ସ - ଯଦି କୌଣସି ପାଶ୍ଚାତ୍ୟ ଆଉଟଫିଟ୍ ସହିତ ଲେଗିଙ୍ଗ୍‌କୁ ମ୍ୟାଚ ରକୁଛନ୍ତି ଯେପରି ଲଙ୍ଗ ସାର୍ଟ ବା ଟପ ସହିତ ତେବେ ଆରାମ ପାଇଁ ୱାକିଙ୍ଗ୍ ସୁଜ ପିନ୍ଧି ପାରିବେ । ଏହା ଭିନ୍ନ ରଙ୍ଗର ଆସିଥାଏ ଓ ଆରାମଦାୟକ ମଧ । ଯଦି ୱାର୍କଆଉଟ୍ ପାଇଁ ଲେଗିଙ୍ଗ୍‌ସ ପିନ୍ଧୁଛନ୍ତି । ତେବେ ସ୍ନିକର୍ସ ଆପଣଙ୍କ ପାଇଁ ଉପଯୁକ୍ତ ।

ସ୍ୟାଣ୍ଡେଲ୍ - ଲେଗିଙ୍ଗ୍‌ସ ସହିତ ଭାରତୀୟ ବା ପାଶ୍ଚାତ୍ୟ ଆଉଟଫିଟ୍ ପିନ୍ଧିଲେ ମଧ ତା ସହିତ ବ୍ଲାକ ହିଲ ଥିବା ସ୍ୟାଣ୍ଡେଲ ବହୁତ ବଢିଆ ଲାଗେ । ଆପଣ ଯଦି କୌଣସି ପାର୍ଟି ପାଇଁ ଯାଉଛନ୍ତି ତେବେ ପାର୍ଟି ଆଉଟ୍‌ଫିଟ୍ ସହିତ ବ୍ଲାକ୍ ହିଲ୍‌ସ ବଢିଆ ରହିବ । ଏହା ଆରାମ ଦେବ । ଲେଗିଙ୍ଗ୍‌ସ ବ୍ୟତୀତ ପାର୍ଶ୍ଵତ୍ୟ ଆଉଟ୍‌ଫିଟ୍‌ରେ ମଧ ଏହି ହିଲ୍‌ସ ସୁନ୍ଦର ଦେଖାଯିବ ।

ଲୋଫର୍ - ଲୋଫର ଆରାମଦାୟକ ଓ ଏହା ସବୁ ଆଉଫିଟ୍ ସହିତ ମ୍ୟାଚ କରିଯିବ ନିଜ ପାଇଁ ଲୋଫର୍ ଫୁଟୱିଅର କିଣନ୍ତୁ । ଏହା ଲେଗିଙ୍ଗ୍‌ସ ସହିତ ମ୍ୟାଚ କରି ପିନ୍ଧନ୍ତୁ ।

ଫ୍ଲାଟ ସ୍ୟାଣ୍ଡେଲ :- ଯଦି ଲେଗିଙ୍ଗ୍‌ସ ସହିତ କେଉଁ ପ୍ରକାର ଫୁଟୱିଅର ପିନ୍ଧିବେ ଜାଣିପାରୁନାହାନ୍ତି ତେବେ ଫ୍ଲାଟ ସ୍ୟାଣ୍ଡେଲ ସବୁଠାରୁ ବେଷ୍ଟ ଅପସନ୍ । କୌଣସି ପ୍ରକାରର ଫ୍ଲାଟ ସ୍ୟାଣ୍ଡେଲ ପାଇଁ ଠିକ୍ ରହିବ ।



ପମ୍ପ ହିଲ୍‌ସ୍ :- ବେଲି ଶେପର ଫୁଟାୱିଅର ସହିତ ଛୋଟ ପମ୍ପ ହିଲ୍‌ସ ସୁନ୍ଦର ଦେଖାଯିବ । ଯେଉଁ ମାନଙ୍କୁ ହିଲସ ପାଇଁ ସମସ୍ୟା ହେଉଥିବ ତେବେ ପମ୍ପ ହିଲସ ଥିବା ଫୁଟୱିଅର ପିନ୍ଧନ୍ତୁ । ଏହା ବହୁତ ବଡ ହୋଇନଥାଏ ଓ ଆପଣଙ୍କ ପାଦକୁ ଆରାମ ମଧ ଦେବ ।

## ମହାକାଶରେ 'ବରମୁଡା ଟ୍ରାଏଙ୍ଗେଲ୍'



ରହସ୍ୟମୟ ସ୍ଥାନ ଭାବେ 'ବରମୁଡା ଟ୍ରାଏଙ୍ଗେଲ୍' ଜଣାଯାଏ । ଆଟଲାଣ୍ଟିକ୍ ମହାସାଗରର ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଗବେଷକଦଳ 'ବରମୁଡା ଟ୍ରାଏଙ୍ଗେଲ୍' ଭାବେ ଚିହ୍ନଟ କରିଛନ୍ତି । ଏହା ଉପର ଦେଇ ଯାଉଥିବା ବିମାନ ଓ ମହାସାଗରରେ ଯାତ୍ରା କରୁଥିବା ପାଣିଜାହାଜ ସଂଖ୍ୟାଧିକ ନିରୁଦ୍ଦିଷ୍ଟ ହୋଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ସେସବୁର କୌଣସି ପତ୍ତା ମିଳିନାହିଁ । କେବଳ ଯେ ପୃଥିବୀ ପୃଷ୍ଠରେ ବରମୁଡା ଟ୍ରାଏଙ୍ଗେଲ୍ ଭଳି ରହସ୍ୟମୟ ସ୍ଥାନ ଅଛି, ତା' ନୁହେଁ । ମହାକାଶରେ ମଧ ଏପରି ସ୍ଥାନ ଥିବାର ବୈଜ୍ଞାନିକ ପ୍ରକାଶ କରିଛନ୍ତି । ନାସାର ମହାକାଶଚାରୀ ଟେରୀ ୱର୍ଟସ୍ କହିଛନ୍ତି, ମହାକାଶଯାତ୍ରା ସମୟରେ ସେ ବରମୁଡା ଟ୍ରାଏଙ୍ଗେଲ୍ ପରି ଏକ ସ୍ଥାନର ଅନୁଭବ କରିଥିଲେ । ମହାକାଶ ଯାତ୍ରା ସମୟରେ ସେ ଶୋଇବାକୁ ଯାଉଥିବାବେଳେ ହଠାତ୍ ଏକ ଉଜ୍ଜ୍ୱଳ ଆଲୋକ ସେ ଦେଖିଲେ । କିଛି ସମୟ ପାଇଁ ସ୍ତବ୍ଧ ହୋଇଗଲେ । ପାଖାପାଖି ୩୦ ମିନିଟ୍ ପରେ ଟେରୀ ସ୍ୱାଭାବିକ ହେଲେ । ନାସା ବୈଜ୍ଞାନିକଙ୍କ କହିବାନୁସାରେ, ମହାକାଶର ଏଇ ସ୍ଥାନଟି ଦକ୍ଷିଣ ଆଟଲାଣ୍ଟିକ୍ ମହାସାଗରର ଠିକ୍ ଉପର ଭାଗରେ ଅଛି । ଷ୍ଟେସନ୍ କିମ୍ବା ମହାକାଶଯାନ ଏହି ସ୍ଥାନ ଦେଇ ଗଲାବେଳେ ସମସ୍ତ ଯନ୍ତ୍ରପାତି କିଛି ସମୟ ପାଇଁ ଅକାମୀ ହୋଇଯାଏ । ମହାକାଶର ଏଇ ବରମୁଡା ଟ୍ରାଏଙ୍ଗେଲ୍ ସ୍ଥାନର ରହସ୍ୟ ମଧ ବର୍ତ୍ତମାନ ସୁଦ୍ଧା ଉନ୍ମୋଚନ ହୋଇପାରିନାହିଁ । ଏହା ଉପରେ ଅଧିକ ଗବେଷଣା ଚାଲିଥିବାର ନାସା ସୂତ୍ରରୁ ପ୍ରକାଶ ।



## ଛେଳି ଚୋରି କରୁଥିବା ବେଳେ ଦୁଇଜଣଙ୍କୁ କାବୁ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା,୧୧।୧୦ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଂଚଳରେ ଛେଳିଚୋରି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଛେଳି ପାଳନ କରିଥିବା ଲୋକମାନେ ପ୍ରମାଦ ଗଣିଲେଣି । ବଡ ବଡ ଅଖା ବ୍ୟାଗରେ ଛେଳି ପୁରାଇ ବାଇକରେ ମୁହୂର୍ତକ ମଧ୍ୟରେ ଚମ୍ପଟ ମାରୁଥିବା ଏହି ଚୋରମାନେ ଖୁବ ସହଜରେ ହଜାର ହଜାର ଟଙ୍କା ଉପାର୍ଜନ କରୁଥିବା ଜଣା ପଡୁଛି । ଛେଟି ଗୋଟାକ ପ୍ରାୟ ୧୦ ହଜାର ଟଙ୍କା ବିକ୍ରୟ ହେଉଥିବା ବେଳେ ଏଭଳି ଉପାୟରେ ଛେଳି ଚୋରି କରୁଥିବାରୁ ଚୋରକୁ ଧରିବା ପାଇଁ ସାରଙ୍ଗ ଅଂଚଳରେ ଲୋକେ ଜଗି ରହିଥିଲେ । ଶନିବାର ମଧାହ୍ନରେ ପଟ୍ଟାମୁଣ୍ଡାଇ ପୋଖରୀଆପଡା ର ଦୁଇ ଯୁବକ ଏକ ବାଇକ ଯୋଗେ ଛେଳି ଉଠାଇ ନେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ନେଇଥିଲେ । ତେବେ ଉଭୟଙ୍କୁ ସତ୍କାର କରାଇ ଛାଡି ଦେଇଥିବା ଜଣା ପଡିଛି । ଏନେଇ ସଦର ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି ।

## ପାଣିକୋଇଲିରେ କୋରାଇ କଂଗ୍ରେସ ପକ୍ଷରୁ ଡଃ.ଏ. ଚେଲା କୁମାରଙ୍କୁ ସ୍ୱାଗତ

କୋରେଇ,୧୧।୧୦ (ନି.ପ୍ର): ପାଣିକୋଇଲିରେ ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡିଶା କଂଗ୍ରେସ ପ୍ରଭାରୀ ଡଃ ଏ.ଚେଲା କୁମାରଙ୍କୁ ସ୍ୱାଗତ କରାଯାଇଛି । ବାଲେଶ୍ୱର ଠାରେ ଏକ କୃଷି ସମାବେଶରେ ଯୋଗଦେବାକୁ ଯାଉଥିବା ଚେଲା କୁମାରଙ୍କୁ କୋରାଇ କଂଗ୍ରେସ ଯାଜପୁର ଜିଲ୍ଲା ଅଣ ସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ରାଜ୍ୟରେ ୨ କୋଟିରୁ ଉର୍ଦ୍ଧ ଅଣ ସଂଗଠିତ ଶ୍ରମିକଙ୍କର ବିଭିନ୍ନ କ୍ଷେତ୍ରରେ ନିଜର ଜୀବନ ଜୀବିକା ଅନ୍ଧକାର ଦେଇ ଗତି କରୁଥିବା ବେଳେ କେନ୍ଦ୍ରର ବିଜେପି ଓ ରାଜ୍ୟ ବିଜେଡି ସରକାରଙ୍କ ଭୁଲ ଅର୍ଥନିତୀ ଯୋଗୁ ଲକ୍ଷାଧିକ ଶ୍ରମିକ ଜୀବିକା ହରାଇବାକୁ ବସିଲେଣି । କଂଗ୍ରେସ ସରକାରଙ୍କ ସମୟରେ ପ୍ରତିଷ୍ଠା ହୋଇଥିବା ସରକାରୀ ଉଦ୍ୟୋଗ ଗୁଡିକୁ ସାଗମାଛ ମୂଲ୍ୟରେ ବିକ୍ରି କରାଯାଉଥିବାରୁ ଏହା ବିରୁଦ୍ଧରେ ଦୃଢ ଆୱାଜ ଉଠାଇବା ପାଇଁ ଚେଲା କୁମାର ସମବେତ କର୍ମିମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ନିର୍ମଳା ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ବ୍ୟାସନଗର ସଭାପତି ତପନ ନାୟକ, ଯାଜପୁର ଜିଲ୍ଲା ମହିଳା କଂଗ୍ରେସ ସଭାପତି ରୀତାଶ୍ରୀ ମହାନ୍ତି,ରାଜ୍ୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସର ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ରାଜ୍ୟ କୃଷି ସଂଯୋଜକ ବିଜୟ କୁମାର ବୋଇତାଇ, ଇ-ରିକ୍ସା ସଂଯୋଜକ ରାଇଚରଣ ମହାନ୍ତି, ଜିଲ୍ଲା ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ, ଜିଲ୍ଲା ସାଯାଂଜକ ପରମାନନ୍ଦ ସେଠୀ, ବ୍ଲକ ସଭାପତି ଅଜୟ କୁମାର ଦାସ, ବିନୋଦ ବିହାରୀ ଜେନା, ଶଶିକାନ୍ତ ମାଝୀ, ମିର୍ଜ୍ଜା ଆଲିମ ବେଗ, ଧବଳେଶ୍ୱର ଓଝା, ବିକାଶ ମଲ୍ଲିକ ଓ ପ୍ରଶାନ୍ତ ଦାଶ, ପ୍ରଭାତ ମହାପାତ୍ର, ଦିଲ୍ଲୀପ ମଲ୍ଲିକ, ଘନଶ୍ୟାମ ପଣ୍ଡା, ନିରଂଜନ ନାୟକ,ଅମୂଲ୍ୟ ରାଜ, ପୂର୍ଣ୍ଣିମା ପରିଡା, ଶ୍ୟାମସୁନ୍ଦର ଜେନା, ଅନନ୍ତ କବି, ନରହିରି କୁଅଁର ସମତେ ଶତାଧିକ କର୍ମି ଯୋଗ ଦେଇଥିଲେ ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ପୁରୀ,୧୧।୧୦ (ନି.ପ୍ର): ଜିଲ୍ଲା ଆଇନ୍ ସେବାପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଅନ୍ ଲାଇନ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପୁରୀ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକାରଣର ଅଧକ୍ଷ ବିଦ୍ୟୁତ୍ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ଆଲୋଚନା ଚକ୍ରର ବିଷୟ ବସ୍ତୁ 'ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟତା,ସ୍ୱାସ୍ଥ୍ୟ ନିରାକରଣ ଏବଂ ମାନସିକ ସ୍ୱାସ୍ଥ୍ୟ ଆଇନ୍ ରଖାଯାଇଥିଲା । ଆଲୋଚନା ଚକ୍ରରେ ବୀରସୁରେନ୍ଦ୍ରସାଏ ମେଡ଼ିକାଲ କଲେଜର ଶିଶୁ ରୋଗ ବିଶେଷଜ୍ଞ ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର ନିହାର ରଞ୍ଜନ ମିଶ୍ର, ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଶ୍ରୀସିଦ୍ଧାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ନିଜି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ - ଶିକ୍ଷୟିତ୍ରୀ, ଉତ୍କଳ ବାଳାଶ୍ରମର ଅଧିକ୍ଷକ ଓ ଅନ୍ତେବାସୀମାନେ ଉପସ୍ଥିତଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଅମରେଶ ମହାପାତ୍ର ସଂଯୋଜନା କରିଥିଲେ ।

## ପସରା ପଂଚାୟତର ତାଡିପାଜୁ ଗାଁକୁ ରାସ୍ତା,ପିଇବା ପାଣି କି ମୋବାଇଲ ଟାୱାର ନାହିଁ

କନ୍ଧମାଳ,୧୧।୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଅଂଚଳର ପସରା ପଂଚାୟତ ଅନ୍ତର୍ଗତ ତାଡିପାଜୁ ଗ୍ରାମର ଲୋକେ ରାସ୍ତା,ପିଇବା ପାଣି ଏବଂ ମୋବାଇଲ ନେଟୱର୍କ ସୁବିଧାରୁ ବଂଚିତ ଅଛନ୍ତି ଆଜି ପର୍ଯ୍ୟନ୍ତ । ଏହି ଗ୍ରାମରେ ଲୋକଙ୍କ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନାହିଁ । ଫଳରେ ବର୍ଷା ଦିନରେ କାଦୁଆରେ ପଚପଚ ହୋଇ ଲୋକେ ଯାତାୟାତ କରୁଥିବା କହିଛନ୍ତି ଗ୍ରାମର ୱାର୍ଡ ମେମ୍ବର ଅମ୍ବିକା କହଁର । ଏଥିପାଇଁ ସେ ଚକାପାଦ ବିଡିଓଙ୍କୁ ଜଣାଇବା ସହିତ । ପଂଚାୟତର ସଭାରେ ସରପଂଚଙ୍କ ଦୃଷ୍ଟି ଆର୍ଷଣ ମଧ୍ୟ କରିଛନ୍ତି । ଏହାସହିତ ଜିଲ୍ଲା ଗ୍ରାମ୍ୟ ପକଳ୍ପ ନିର୍ଦ୍ଦେଶକଙ୍କୁ ମଧ୍ୟ ଜଣାଇଥିବା କହିଛନ୍ତି । ହେଲେ ଆଜି ସୁଦ୍ଧା ତାଙ୍କର ଗାଁକୁ ସିମେଣ୍ଟ ରାସ୍ତା ଖଣ୍ଡିଏ ତିଆରି ହୋଇପାରୁ ନାହିଁ ବୋଲି କହିଛନ୍ତି । ସେହିପରି ତାଡିପାଜୁ ଗ୍ରାମରେ ଥିବା ୪ଟି ସାହିର ପ୍ରାୟ ୪୫ଟି ପରିବାରର ୨ ଶହ ଲୋକଙ୍କର ପିଇବା ପାଣିର ସମସ୍ୟା ମଧ୍ୟ ରହୁଛି । ସେହି ଗ୍ରାମରେ ରହିଛି କେବଳ ଗୋଟିଏ ମାତ୍ର କୁଅ ଏବଂ ସେଠାରେ ଥିବା ବିଦ୍ୟାଳୟ ପାଇଁ ଖୋଳାଯାଇ ଥିବା ନଳକୁଅ ଗାଁ ଲୋକେ ଉଭୟ ଯାଗାରୁ ପାଣି ପାଉଥିଲେ । ହେଲେ ବର୍ତମାନ ସ୍କୁଲ ଆଗରେ ଥିବା ନଳକୂା ମଧ୍ୟ ଖରାପ ହୋଇଯିବାରୁ ଗାଁ ର ଲୋକଙ୍କ ପାଇଁ ଏକମାତ୍ର କୁଅ ହିଁ ଭାରସା । ସେଥିରୁ ପାଣି ଆଣିବାକୁ ସେମାନଙ୍କୁ ଯିବାକୁ ପଡୁଛି ପ୍ରାୟ ଅଧା କିଲୋମିଟର ବାଟ । ଚକାପାଦ ଆର.ଡି ରସ୍ତାରୁ ତାଡିପାଜୁ ଗାଁକୁ ୪ କିମି ବାଟ ହୋଇ ଥିବାବେଳେ ସେଠାରୁ ତାଡିପାଜୁ ଗାଁ ପର୍ଯ୍ୟନ୍ତ କଚ୍ଚା ରାସ୍ତା ହୋଇଛି । ଫଳରେ ଲୋକଙ୍କୁ ସେଠାରୁ ବର୍ଷା ଦିନରେ ଯାତାୟାତ ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ସେହିପରି ଗାଁରେ ମୋବାଇଲ ନଟେୱର୍କ ନଥିବାରୁ ଲୋକଙ୍କର ସ୍ୱାସ୍ଥ୍ୟ ଖରାପ ହେଲେ ଆମ୍ବୁଲାନ୍ସ ଡାକିବାକୁ କିମ୍ବା ଅନ୍ୟ କୌଣସି ଜରୁରୀ ସହାୟତା ପାଇଁ କାହାକୁ ଫୋନ ଯୋଗେ ଜଣାଇବାର ସୁବିଧା ମଧ୍ୟ ପାଉ ନାହାନ୍ତି ଗ୍ରାମବାସୀ । ଏହି ସବୁ ଅସୁବିଧା ସଂକ୍ରାନ୍ତରେ ଚକାପାଦ ବିଡିଓ ସୁଶିଲ କୁମାର ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଏହି ବ୍ଲକରେ ନୁତନ ଭାବରେ ଯୋଗ ଦେଇଛନ୍ତି । ତେବେ ସେ ଏହି ବାବଦରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ବିଦ୍ୟୁତ ଆଘାତରେ ଶ୍ୱଶୁର, ବୋହୂ ମୃତ

ରାୟଗଡ଼ା,୧୧।୧୦ (ନି.ପ୍ର): ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି ଶ୍ୱଶୁର ବୋହୂ । ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଠଙ୍ଗପଡ଼ା ଗ୍ରାମରେ । ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଦ୍ୱୟ ହେଲେ ୬୫ ବର୍ଷିୟ ବୃଦ୍ଧ ଡାଉଣୀ ମଣ୍ଡିକା ଏବଂ ତାଙ୍କ ବୋହୂ ସୁମିତ୍ରା । ଏପରିକି ବୋହୂ ସୁମିତ୍ରା ଗର୍ଭବତୀ ଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ସୂଚନା ଅନୁଯାୟୀ, ବିଦ୍ୟୁତ ବୋର୍ଡରୁ ଆସିଥିବା ତାର ତାଙ୍କ ଘର ଭିତର ଏକ କବାଟରେ ଚାର୍ଜ ହୋଇଯାଇଥିଲା । ଏହା ଅସୁରକ୍ଷିତ ଅବସ୍ଥାରେ ରହିଥିବା ବେଳେ ଆଜି ସକାଳେ ଡାଉଣି ଉକ୍ତ କବାଟ ଧରିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ । ତାଙ୍କ ଚିହାର ଶୁଣି ତାଙ୍କୁ ବଂଚାଇବାକୁ ଯାଇ ବୋହୂ ସୁମିତ୍ରା ମଧ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ ।

## ପୂର୍ବତନ ପୁଲିସ ଡିଜି ଜନ୍ ନାୟକଙ୍କ ବିୟୋଗରେ ଶୋକ

କନ୍ଧମାଳ,୧୧।୧୦ (ନି.ପ୍ର): ବରିଷ୍ଠ ପୁଲିସ ଅଧିକାରୀ ଜନ୍ ନାୟକଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି । କୋଭିଡ-୧୯ ଆକ୍ରାନ୍ତ ହୋଇ ତୋଙ୍କର ଦେହାନ୍ତ ହୋଇଥିବା ଖବର ଟ୍ୱିଟ୍ ଜରିଆରେ ସୂଚନା ଦେଇଛନ୍ତି ରାଜ୍ୟ ପୁଲିସ ଡିଜି ଅଭୟ । ମୃତ୍ୟ ବେଳକୁ ତାଙ୍କୁ ୭୮ବର୍ଷ ହୋଇଥିଲା । ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ତାଙ୍କର ଘର କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ପେଟାପାଙ୍ଗା ପଂଚାୟତ ଅନ୍ତର୍ଗତ ପାଙ୍ଗାନାଜୁ ଗ୍ରାମର । ଟ୍ୱିଟ୍ ଜରିଆରେ ଡିଜି ଅଭୟ ସୂଚନା ଦେଇଛନ୍ତି କି ସ୍ୱର୍ଗତ ନାୟକ ୧୯୬୫ ବ୍ୟାଚର ଆଇପିଏସ ଅଧିକାରୀ ଥିଲେ । ସେ ପୁଲିସ ସେବାରୁ ୨୦୦୨ରେ ଅବସର ଗ୍ରହଣ କରିଥିଲେ । ସେ ଅତ୍ୟନ୍ତ ଭଦ୍ର, ନମ୍ର, ଦୟାଳୁ ଓ ମେଳାପି ସ୍ୱଭାବର ଥିଲେ । ସେ ବହୁ ସଂଗଠନରେ ଯୋଗ ଦେଇ ସୁଚାରୁ ରୂପେ ନିଜର ଦାୟୀତ୍ୱ ସମ୍ପାଦନ କରିଛନ୍ତି । ତାଙ୍କର ପରଲୋକରେ ରାଇକିଆ ଅଂଚଳରେ ତାଙ୍କ ବନ୍ଧୁ ପରିଜନ ସମେତ ବୁଦ୍ଧିଜୀବି ମହଲରେ ଶୋକର ଛାୟା ଖେଳିଯାଇଛି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୫୩ ୟୁନିଟ ରକ୍ତ ସଂଗୃହିତ

ଧର୍ମଶାଳା,୧୧।୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ଉଦଘାଟନ କରିଥିଲେ । ଉଦଘାଟନ କରିବା ପରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱେଚ୍ଛସେବୀମାନେ ରକ୍ତଦାନ କରିଥିଲେ । ମୋଟ ୫୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ,ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି,ବିଜୁ ଜନତା ଦଳର ଯୁବ ସଭାପତି କ୍ଷତିଶ ନାୟକଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ରହି ରାକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ୬ଷ୍ଠ ଦିନରେ ପହଂଚିଲା ଟ୍ରକ ମାଲିକଙ୍କଆନ୍ଦୋଳନ : ନୀରବଦ୍ରଷ୍ଟା ପ୍ରଶାସନ

କେନ୍ଦୁଝର,୧୧।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ର ଯୋଡା ବାମବାରୀ ଅଂଚଳର ଟ୍ରକ ମାଲିକ ମାଲିକ ମାନଙ୍କର ଆନ୍ଦୋଳନ ଇତି ମଧ୍ୟରେ ୬ଷ୍ଠ ଦିନରେ ପହଂଚିଅଛି । ଟ୍ରକ ମାଲିକମାନେ ସେମାନଙ୍କର ଦାବୀକୁ ନେଇ ପି.ଏମ୍.ପି. ଖଣି ପରିସର ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିରହିଅଛନ୍ତି । ଇତି ମଧ୍ୟରେ ୬ ଦିନ ବିତିଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ କେହି ହେଲେ ଏପର୍ଯ୍ୟନ୍ତ ସେମାନଙ୍କ ଅଭିଯୋଗ ଶୁଣିବାକୁ ଆଗ୍ରହ ପ୍ରକାଶ କରିନାହାଁନ୍ତି । ଯାହାକୁ ନେଇ ଟ୍ରକ ମାଲିକମାନେ ଗଭୀର କ୍ଷୋଭ ପ୍ରକାଶ କରିବା ସହ ଏକ ପ୍ରେସ ମିଟ୍‌ରେ ତାହା ପ୍ରକାଶ କରିଛନ୍ତି । ଟ୍ରକ ମାଲିକମାନେ ଧାରଣାରେ ବସିବାର ପ୍ରଥମ ଦିନ ଏକ ପୁଲିସ ଭ୍ୟାନ ଧାରଣା ସ୍ଥଳକ ଆସି ଚକ୍‌ର ମାରି ପଳେଇଯାଇଥିବା ବେଳେ ଏପର୍ଯ୍ୟନ୍ତ ଆଉ କାହାର ଦେଖା ମିଳିପାର ନଥିବା ସେମାନେ କହିଛନ୍ତି । ସୂଚନା ଯୋଗ୍ୟ ଯେ କାଶ୍‌ଭି ନ୍ୟାସନାଲ ପ୍ରାଃ ଲିଃ ନାମକ ଏକ ସଂସ୍ଥା ଜରିବାହାଲ ସ୍ଥିତ ପି.ଏମ୍.ପି. ଖଣିଟିକୁ ନୂତନ ଭାବେ ଲିଜ୍ ନେବା ପରେ ଗାଡି ମାଲିକଙ୍କ ପ୍ରତି ତାଙ୍କର ବୈମାତୃକ ମନୋଭାବ ପ୍ରଦର୍ଶନ ଲକ୍ଷ୍ୟ କରାଯାଇ ଆସୁଅଛି । ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସୀ କରି ଟ୍ରକ ମାଲିକଙ୍କ ଅଭିଯୋଗ ତଥା ସମସ୍ୟା ପ୍ରମୁଖକୁ ପ୍ରତ୍ୟାଖାନ କରିବା ସହ ବାହାରୁ ବଡ ବଡ ଟ୍ରକ ଆଣି ନିଜର ପରିବହନ କାର୍ଯ୍ୟ ଚଳାଇ ଆସୁଥିବା ବେଳେ ମାଇନିଙ୍ଗ ଏରିଆ ଟ୍ରକ ୱନର୍ସ ଆସୋସିଏସନ୍ (ମାଟୋଆ)ର ଟ୍ରକକୁ ସମ୍ପୃକ୍ତ ଖଣିରେ କାର୍ଯ୍ୟ ରେ ନିୟୋଜିତ କରାଯାଉ ନଥିବା କାରଣରୁ ତାହା ଟ୍ରକ ମାଲିକ ମାନଙ୍କ ଜୀବନ ଜୀବିକାକୁ ଗୁରୁତର ଭାବେ ପ୍ରଭାବିତ କରିଛି । ଏହାକୁ ନେଇ ଟ୍ରକ ମାଲିକମାନଙ୍କ ପକ୍ଷରୁ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଟ୍ରକ ମାଲିକମାନେ ବାଧ୍ୟ ହୋଇ ୫ ତାରିଖ ଠାରୁ ଧାରଣାରେ ବସି ରହିଛନ୍ତି । ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଯୋଡା-ବାମେବାରୀ ଅଂଚଳର ଟ୍ରକକୁ ନେଇ ମାଇନିଙ୍ଗ ଏରିଆ ଟ୍ରକ ୱନର୍ସ ଆସୋସିଏସନ୍ (ମାଟୋଆ) ନାମକ ସଂଗଠନ ଗଠନ କରାଯାଇଛି । ଏଥିରେ ପ୍ରାୟ ୨୮ ଶହରୁ ଉର୍ଦ୍ଧ ଟ୍ରକ ମାଲିକମାନେ ସେମାନଙ୍କ ପ୍ରତି ପୂର୍ବରୁ ହୋଇଆସୁଥିବା ଅନ୍ୟାୟର ମୁକାବିଲା କରିବା ସହ ଟ୍ରକ ମାଲିକଙ୍କ ବହୁବିଦ୍ଧ ସମସ୍ୟା ସମାଧାନ କରି ସୁରୁଖୁରୁରେ ପରିବହନ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଏହି ସଂଘରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବେ ୫୦ ହଜାରରୁ ଉର୍ଦ୍ଧ ଲୋକ ନିର୍ଭରଶୀଳ ରହିଛନ୍ତି । ତେବେ କାଶ୍‌ଭି ର ନ୍ୟାସନାଲ ପ୍ରାଃ ଲିଃ ନାମକ ଏହି କମ୍ପାନୀ ସିରାଜୁଦ୍ଦିନ, ଇନ୍ଦ୍ରାଣୀ ପଟ୍ଟନାୟକ, ପି.ଏମ୍.ପି., ରୁଙ୍ଗଟା, ଡି.ଆର. ପଟ୍ଟନାୟକ ଆଦି ଖଣିରୁ ନରଣପୁର ନିଜ କାରଖାନାକୁ ଏହି ସଂଘ ମାଧମରେ ଲୁହାପଥର ପରିବହନ କରିଆସୁଥିଲେ । ତେବେ ସେ ନିକଟରେ ଜରିବାହାଲ ଲୌହ ଖଣିକୁ ନକ୍ସଛନ ଭାବେ ଲିଜ୍ ପାଇବା ପରେ ଏହି ଖଣିରୁ ଜୋର ଜବରଦସ୍ତ ବାହାରୁ ବଡ ବଡ ଟ୍ରକ ଆଣି ପରିବହନ କାର୍ଯ୍ୟ ଆରମ୍ଭ କରିଛନ୍ତି । ଫଳରେ ଏହି ସଂଘର ଟ୍ରକ ମାଲିକମାନେ କାମ ଧନ୍ଦା ନପାଇ ହାତବାନ୍ଧି ବସିରହିଛନ୍ତି । ଫଳରେ ଋଣ କରି କିଣିଥିବା ଟ୍ରକ ଗୁଡିକର କିସ୍ତି ଦେବାକୁ ମାଲିକମାନେ ଅସମର୍ଥ ହୋଇପଡିଛନ୍ତି । ନୂତନ ଖଣି କମ୍ପାନୀ କାଶ୍‌ଭି ଇ ରନ୍ୟାସନାଲର ନିୟୋଜିତ ଟ୍ରକ ଗୁଡିକ ସଂଘରେ ପଞ୍ଜିକୃତ କରିନଥିବା ବେଳେ ଏ ସଂକ୍ରାନ୍ତରେ ମାଟୋଆ ସହିତ ଆଲୋଚନା ମଧ କରିନଥିବା ସଂଘ ର ସମ୍ପାଦକ ସତ୍ୟପ୍ରୀୟ ବାରିକ୍ କ୍ଷୋଭର ସହ ଗଣମାଧମକୁ କହିଛନ୍ତି । ବାରମ୍ବାର ଏହି ଖଣି କମ୍ପାନୀକୁ ଯୋଗାଯୋଗ କରାଯାଇଥିଲେ ମଧ ସେମାନେ ସଂଘ ସହ କୌଣସି ପ୍ରକାରର ଆଲୋଚନା କରିବାକୁ ଆଗ୍ରହୀ ନଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ମାଟୋଆର ସଭାପତି ଚତୁର୍ଭୁଜ ପଲେଇ କେନ୍ଦୁଝର ଜିଲ୍ଲାପାଳ, ଯୋଡା ଯୁଗ୍ମ ଖଣି ନିର୍ଦ୍ଦେଶକ, ଯୋଡା ପୁଲିସ, ବାମେବାରୀ ପୁଲିସ ଏବଂ ଉଚ୍ଚ କର୍ତୁପକ୍ଷଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନଥିବା ସୂଚନା ଦେଇଛନ୍ତି । ଟ୍ରକ ମାଲିକଙ୍କ ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଖଣି ପରିସର ମଧରେ ଚାଲିଥିବା ଆନ୍ଦୋଳନ ଜାରି ରହିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଯଦି ପ୍ରଶାସନ ସେମାନଙ୍କ ଦାବିକୁ ବିଚାରକୁ ନନେଇ କେବଳ ଦିନ ଗଡାଇଚାଲନ୍ତି ତେବେ ସେମାନେ ଯେ କୌଣସି ଚରମପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି କହିଛନ୍ତି ।

## ମାଲକାନଗିରି ଜିଲ୍ଲା ରେ ପୁଣି ଜନନୀ ଯନ୍ତ୍ରଣା, ୨ କିଲୋମିଟର ଚାଲି ଚାଲି ଆସିଲେ ଗର୍ଭବତୀ

ମାଲକାନଗିରି,୧୧।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଆଜିପୁଣି ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା ର ଏକ ନଗ୍ନ ରୂପ । ଯେଉଁଠି କି ଗାଁ କୁ ଭଲ ରାସ୍ତାଟିଏ ନଥିବାରୁ ଆମ୍ବୁଲାନ୍ସ ଯାଇନପାରିବାରୁ ଗର୍ଭବତୀ ଖୋଦ ନିଜେ ଯନ୍ତ୍ରଣା ସ୍ୱତେ ଚାଲିଚାଲି ଆମ୍ବୁଲାନ୍ସ ନିକଟକୁ ଆସିଥିଲେ । କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଂଚାୟତ ତେନ୍ତୁଳିପଦର ଗ୍ରାମର ପ୍ରମେୟା ଖରା ନାମକ ମହିଳା ଙ୍କ ଗତକାଲି ସନ୍ଧ୍ୟା ରେ ଗର୍ଭ ଯନ୍ତ୍ରଣା ହେବାରୁ ଗାଁ ର ଆଶାକର୍ମୀ ଓ ଏଏନ ଏମ ଦିଦି ୧୦୮ ଆମ୍ବୁଲାନ୍ସ କୁ ଫୋନକରିଥିଲେ । ତୁରନ୍ତ ଆମ୍ବୁଲାନ୍ସ ଗାଁ କୁ ଯାଇଥିଲା ହେଲେ ତେନ୍ତୁଳିପଦ ର ଗ୍ରାମକୁ ଯିବାକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁ ଠାରୁ ୨ କିଲୋମିଟର ଦୂରରେ ଅଟକି ରହିଥିଲା । ଶେଷରେ ଅନ୍ୟ ଉପାୟ ନପାଇ ବାଧ ହୋଇ ପାହାଡିଆ ରାସ୍ତାରେ ପରିବାର ଲୋକ ଗର୍ଭବତୀଙ୍କୁ ଚଲାଇ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ତାଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯିବାପରେ ସେ ଏକ ପୁତ୍ର ସନ୍ତାନ କୁ ଜନ୍ମ ଦେଇଥିଲେ । ମା ଓ ଛୁଆ ଉଭୟ ସୁସ୍ଥ ଥିବା ଜଣାପଡିଛି ।

## ଫିରିଙ୍ଗିଆ ଅଂଚଳର ବରିଷ୍ଠ ନାଗରିକ ବାସୁଦେବ ସାହୁଙ୍କ ଦେହାନ୍ତ

କନ୍ଧମାଳ,୧୧।୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଂଚଳର ଜଣେ ବରିଷ୍ଠ ନାଗରିକ ତଥା ଅଂଚଳରେ ପଂଚସାଖା ଅନୁଷ୍ଠାନର ପ୍ରତିଷ୍ଠାତା ବାସୁଦେବ ସାହୁଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଫିରିଙ୍ଗିଆ ସ୍ଥିତ ବାସ ଭବନରେ ଦେହାନ୍ତ ହୋଇଛି ତାଙ୍କୁ ୮୮ ବର୍ଷ ବୟଷ ହୋଇଥିଲା । ସେ ଦୀର୍ଘଦିନ ହେଲା ପକ୍ଷାଘାତ ରୋରେ ପିଡୀତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ଶଯ୍ୟାରେ ତାଙ୍କ ପାଖରେ ତାଙ୍କ ପୁଅ ଫିରିଙ୍ଗିଆର ପ୍ରତିଷ୍ଠିତ ବ୍ୟକ୍ତି ସତ୍ୟବାଦୀ ସାହୁଙ୍କ ସମେତ ତାଙ୍କ ସାନ ପୁଅ ଫିରିଙ୍ଗିଆ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ନବଘନ ସାହୁଙ୍କ ସମେତ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ । ସେ ତାଙ୍କ ଜୀବନ କାଳରେ ଫିରିଙ୍ଗିଆ ଅଂଚଳରେ ଅନେକ ଜନ ହିତକର କାମ କରିଛନ୍ତି । ସେଥିରୁ ଫିରିଙ୍ଗିଆର ସଂସ୍କୃତିକ ଏବଂ ଅଧ୍ୟତ୍ମିକ ଅନୁଷ୍ଠାନ ପଂଚସଖା ଅନ୍ୟତମ ସେହି ଅନୁଷ୍ଠାନରେ ଆଜି ମଧ୍ୟ ବିଭିନ୍ନ ଧାର୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ସେ ଜଣେ ଶାନ୍ତ ସ୍ୱଭାବ,ମେଳାପି,ଜନ କଲ୍ୟାଣକାରୀ ବ୍ୟକ୍ତି ଥିଲେ । ତାଙ୍କର ଦେହାନ୍ତରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସମେତ ଅଂଚଳର ବିଭିନ୍ନ ବରିଷ୍ଠ ନାଗରିକ ଏବଂ ପଂଚସଖାର ସଦସ୍ୟ ଓ କର୍ମକର୍ତା ମାନେ ଶୋକବ୍ୟକ୍ତ କରିଛନ୍ତି । ତାଙ୍କର ଅନ୍ତେଷ୍ଟିକ୍ରିୟା କୋଭିଡ ନିୟମ ଅନୁସାରେ ଫିରିଙ୍ଗିଆରେ ସମ୍ପର୍ଣ୍ଣ ହୋଇଛି । ଏଥିରେ ଫିରିଙ୍ଗିଆ ଏବଂ ଆଖପାଖ ଅଂଚଳର ଅନେକ ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

## ଏଓବିଏସଓ ଛାତ୍ର ସଂଘ ତରଫରୁ ମାସ୍କ ବଂଟନ

ଭୁବନେଶ୍ୱର,୧୧।୧୦ (ନି.ପ୍ର): ଭୁବନେଶ୍ୱର ସ୍ଥିତ ରାଜମହଲ ଛକଠାରେ ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଂଟ୍ସ ଅର୍ଗାନାଇଜେସନ (ଏଓବିଏସଓ) ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସଂଘର ଉପ-ପ୍ରତିଷ୍ଠାତା ତଥା ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତାରିଣୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ତଥା ଯୁବ ବିଜେଡ଼ି ବରିଷ୍ଠ ଉପ-ସଭାପତି ଧୃତିମାର୍ଥା, ସଂଘର ଉପ-ପ୍ରତିଷ୍ଠାତାବାସୁଦେବ ସା, ଯୁବ ବିଜେଡ଼ି ସାରାଧଣ ସମ୍ପାଦକ ଅବିନାଶ ପ୍ରଧାନ,କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପାଣି, ଯୁବବିଜେଡ଼ି ଯୁଗ୍ମ ସମ୍ପାଦକ ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା, ଯୁବ ବିଜେଡ଼ି ସମ୍ପାଦକ ସୋନାଲି ପ୍ରିୟଦର୍ଶିନୀ, ଦିପ୍ତିମୟୀ ପତି, ଛାତ୍ରବିଜେଡ଼ିରାଜ୍ୟସାରାଧଣ ସମ୍ପାଦକ ସଂକେତ ରାୟ ଆଦି ଉପସ୍ଥିତ ଥିଲେ ।

## ଡ୍ରେନ ଖୋଳିଦେଇ ନିର୍ମାଣ କରୁନି କମ୍ପାନୀ, ଯାତାୟତରେ ବାଧାପ୍ରାପ୍ତ

ନୂଆପଡା,୧୧।୧୦ (ନି.ପ୍ର): ନୂଆପଡା ଜିଲ୍ଲାର କୁରୁମପୁରୀ ଠାରୁ ବଲାଙ୍ଗିର ଜିଲ୍ଲାର ଭାଲୁମୁଣ୍ଡା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଜାତୀୟ ରାଜପଥ ୩୫୩ ଅନେକ ଅବ୍ୟବସ୍ଥାରେ ଗତି କରୁଛି । ଏହି ରାଜପଥ ନିର୍ମାଣର ୬ ବର୍ଷରୁ ଅଧିକ ହୋଇଯାଇଥିଲେ ମଧ୍ୟ ଶେଷ ହେବାର ନାଁ ଧରୁନାହିଁ । ଏହି ରାଜପଥକୁ ନିର୍ମାଣ କରୁଥିବା କମ୍ପାନୀ ରାଜପଥର ରାସ୍ତା ଏବଂ ଡ୍ରେନ ନିର୍ମାଣ ସକାଶେ ଖୋଳି ଦେଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପକାଇ ରଖିଛି । ଯାହାଫଳରେ ଯାତାୟତ କରୁଥିବା ଲୋକେ ନାନା ପ୍ରକାରର ହଇରାଣ ହରକତରେ ପଡୁଥିବା ଅଭିଯୋଗ କରିଛନ୍ତି । ସହରରେ ଗତ ୨ ବର୍ଷରୁ ଡ୍ରେନ ନିର୍ମାଣ କରାଯାଉଥିଲେ ମଧ୍ୟ ତାହା ଶେଷ ହୋଇ ପାରୁନାହିଁ । କମ୍ପାନୀ ଇଚ୍ଛା କଲେ କାମ କରୁଥିବା ବେଳେ ମାସ ମାସ କାମ ବନ୍ଦ ରହୁଛି । ଯାହାଫଳରେ ସହରବାସୀ ସହ ସହରକୁ ଅନ୍ୟ କାମରେ ଆସୁଥିବା ଲୋକେ ହଇରାଣ ହରକତରେ ପଡୁଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଡ୍ରେନ କାର୍ଯ୍ୟ ନିର୍ମାଣ ଅତିଶିଘ୍ର ଶେଷ କରିବାକୁ ସାଧାରଣରେ ଦାବୀ ହେଉଛି । ନଚେତ ଆସନ୍ତା ଦିନରେ ଉତ୍ୟକ୍ତ ଲୋକେ ଜାତୀୟ ରାଜପଥକୁ ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଜୁନିଅର ରେଡ କ୍ରସ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ




ବାରିପଦା,୧୧।୧୦ (ନି.ପ୍ର): ଟେକ୍ନୋୱାର୍ଲଡ ଆବାସିକ ବିଜ୍ଞାନ କଲେଜ ପରିସରରେ ଜୁନିଅର ରେଡକ୍ରସ ତରଫରୁ ଉତ୍କଳ ମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି ଓ ପରିବେଶ ପ୍ରେମୀ ଲଳିତ ମହାନ୍ତ ସଭାପତିତ୍ୱ କରି ଗୋପବନ୍ଧୁ ଦାସଙ୍କୁ ଜଣେ ତ୍ୟାଗ, ସାଧନା ଓ ଜନସେବାର ମୂର୍ତୀମନ୍ତ ପ୍ରତୀକ ଭାବେ ବର୍ଣ୍ଣନା କରିଥିଲେ ଓ ବରେଣ୍ୟ ଅତିଥି ଭାବେ ଟେକ୍ନୋୱାର୍ଲଡ ଗ୍ରୁପ ଅଫ ଇନ୍‌ଷ୍ଟିଟ୍ୟୁଟର ନିର୍ଦ୍ଦେଶକ ଇଂ ଉମାକାନ୍ତ ମହାନ୍ତ ଓ ପ୍ରାକ୍ତନ ଇଂରାଜୀ ଅଧାପକ ଗଣେଶ ମିଶ୍ର ମୟୁରଭ ରାଜା 'ଗୋପବନ୍ଧୁଙ୍କୁ ଜଣେ ମଣିଷ' ଭାବେ ସାର୍ଟିଫିକେଟ ପ୍ରଦାନ କରିବା କଥାକୁ ଉଲ୍ଲେଖ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ଅଧାପକ ଦାରାସିଂ ମହାନ୍ତ, ଶିକ୍ଷାବିତ ସଚିକାନ୍ତ କର, ଯୁବ ସଂଗଠକ କମଲେଶ ବଳ, ସାମ୍ବାଦିକ ନିଗମାନନ୍ଦ ପଟ୍ଟନାୟକ,ପ୍ରଶାନ୍ତ କୁମାର ବେହେରା, ଆଇନଜ୍ଞୀ ଭବାନୀ ଶଙ୍କର ମହାନ୍ତି, ଇଂ ସନାତନ ମହାନ୍ତ, ଜ୍ଞାନେନ୍ଦ୍ର ମହାକୁଡ଼, ଇଂ ଗୌରାଙ୍ଗ ମହାନ୍ତ, ଶିକ୍ଷକ ଅଧୀର କୁମାର ନନ୍ଦ, ସୁରେନ୍ଦ୍ର କୁମାର ସୋରେନ, କାଉନସ୍ଲେର କମଳା କାନ୍ତ ସିଂ ଓ କର ଚରଣ କିସ୍କୁ ପ୍ରମୁଖ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ଓ କର୍ମଧାରା ସମ୍ପର୍କରେ ଆଲୋକପାତ କରିଥିଲେ ଓ ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଓ କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିଅର ରେଡ କ୍ରସ ଅଧିକାରୀ ସ୍ମୃତି ରନ ପାଣି ସଂଯୋଜନା କରିଥିଲେ ଓ ଶେଷରେ ଶିଶୁ ସାହିତ୍ୟିକ ଭବାନୀ ଶଙ୍କର ଗିରି ଧନ୍ୟବାଦ ପ୍ରଦାନ କରିଥିଲେ ।

## ୨୪ ଘଂଟିଆ ନିଶୁଳ୍କ ଆତ୍ମହତ୍ୟା ସୁରକ୍ଷା ଲାଇଫ୍ ଲାଇନ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୧୧।୧୦ (ନି.ପ୍ର): ମାନସିକ ଶାନ୍ତି ହଜିଗଲେ ମଣିଷ ମାନସିକ ଅବସାଦର ଶିକାର ହୁଏ । ଏଭଳିସ୍ଥିତିରେ ଏକ ଆତ୍ମବିଶ୍ୱାସ ଭରା ୨୪ ଘଂଟିଆ ନିଶୁଳ୍କ ସେବା ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ ଫୋରମ ତରଫରୁ ଉଦ୍‌ଘାଟିତ ହୋଇଯାଇଛି । ଜନସାଧାରଣଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ସମୟ ପାଇଁ ୨୪ ଘଣ୍ଟିଆ ନିଶୁଳ୍କ ଲାଇଫ୍ ଲାଇନ ନମ୍ବର ୧୮୦୦-୧୨୦-୨୨-୩୩୩୩ କାର୍ଯ୍ୟକ୍ଷମ ହୋଇଛି । ଏହି କାର୍ଯ୍ୟକ୍ରମକୁ ଯୁବ ଚଳଚ୍ଚିତ୍ର ଅଭିନେତା ତଥା ସମାଜସେବୀ ସବ୍ୟସାଚୀ ମିଶ୍ର, ପ୍ରଫେସର ନୀଳମାଧବ ରଥ, ଆଶ୍ରା ମୁମ୍ବାଇର ପ୍ରତିଷ୍ଠାତା ଜଙ୍କସନ ଥୋମାସ, ସିଷ୍ଟର ଲିଭିଙ୍ଗର ପ୍ରତିଷ୍ଠାତା ଶ୍ରୀମତୀ କେତକୀସଙ୍ଗବି ଉଦ୍‌ଘାଟନ କରି ଆତ୍ମହତ୍ୟା ପ୍ରବଣ ବ୍ୟକ୍ତିମାନଙ୍କ ପାଇଁ ପରିବାର ଓ ବନ୍ଧୁମାନଙ୍କୁ ସ୍ନେହ ଏକ ସୁରକ୍ଷା କବଚ ବୋଲି ମତବ୍ୟକ୍ତ କରିଛନ୍ତି । ସମ୍ପ୍ରତି କରୋନା ମହାମାରୀ କବଳିତ ସମସ୍ତ ମଣିଷ ସମାଜ ବଂଚିବାର ରାହା ହରାଇ ଆତ୍ମହତ୍ୟା ପରି ଜଘନ୍ୟ ପଦକ୍ଷେପକୁ ଆପଣେଇ ବସନ୍ତି । ଏହି ପରିସ୍ଥିତିରେ ବିଶେଷକରି ଯୁବଗୋଷ୍ଠୀମାନେ ଅଧିକାଂଶ ସମୟରେ ଆତ୍ମହତ୍ୟା ଚିନ୍ତାରେ ସମୟ କାଟିଛନ୍ତି । ବର୍ଷକୁ ପ୍ରାୟ ୬୦,୦୦୦ ଭାରତୀୟ ଆଦତ୍ୟ ଋଣରେ ଆତ୍ମହତ୍ୟା କରି ଅଥବା ନିଜକୁ ଆଘାତ କରି ମୃତ୍ୟୁବରଣ କରୁଛନ୍ତି । କରୋନା ମହାମାରୀଯ ସମୟରେ ମାନସିକ ଅବସାଦ ବହୁ ଗୁଣେ ବଢେଇଛି । ସାଧାରଣ ଲୋକେ ବିଶେଷ କରି ନିମ୍ନ ଆୟ କରୁଥିବା ଲୋକ ନିଜ ନିଜ ଜୀବନ ହରାଇ ବସିଛନ୍ତି । ବିଦ୍ୟାଳୟ ବନ୍ଦ, ସଂଘରୋଧ ଶିଶୁମାନଙ୍କ ମାନସିକ ଅବସାଦକୁ ବହୁ ପରିମାଣରେ ବୃଦ୍ଧି କରିଛି ।

## ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ ଘଟଣା : ୨ ଭାଇଙ୍କୁ କୋର୍ଟ ଚାଲାଣ

ନୂଆପଡା,୧୧।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ଘଟଣାରେ ଖଡିଆଳ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସେମାନେ ହେଲେ ଶ୍ରୀଧର ସିଂମାଝୀଙ୍କ ୨ ପୁଅ ଗିରିରାଜ ସିଂମାଝୀ(୩୭) ଏବଂ ଶୋଭାରାଜ ସିଂ ମାଝୀ(୩୦) ଅଟନ୍ତି । ସେମାନଙ୍କ ଠାରୁ ୨ ଗୋଟି ବନ୍ଧୁକ, ୩୪ ଗୋଟି ଗୁଳି ସହ ଏକ ଇନୋଭା କାରକୁ ଜବତ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମକୁ ନେଇ ଗୁଳିକାଣ୍ଡ ଘଟିଥିଲା । ଏଥିରେ ଠିକାଦାର ପବନ କୁମାର ଅଗ୍ରୱାଲ ଅଳ୍ପକେ ରକ୍ଷା ପାଇ ଯାଇଥିଲେ । ତାଙ୍କ ଅଭିଯୋଗ ଅନୁସାରେ ପୁଲିସ କଂଟାବାଞ୍ଜି ନିକଟସ୍ଥ ଜାମୁଟଝୋଲା ଗ୍ରାମର ୩ ଜଣ ଗିରିରାଜ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀ ଏବଂ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଥିଲା । ହେଲେ ପୁଲିସ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଛାଡି ଦେଇଥିବା ବେଳେ ୨ ଭାଇ ଗିରିରାଜ ସିଂମାଝୀ ଏବଂ ଶୋଭାରାଜ ସିଂ ମାଝୀ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି ।

# ଚାଷୀ ଓ ଶ୍ରମିକ ବିରୋଧି ଆଇନ ବିରୁଦ୍ଧରେ ଆନ୍ଦୋଳନକୁ ଜୋରଦାର କରିବ କଂଗ୍ରେସ: ଶୁଭାରମ୍ଭ ହେଲା ମିସ୍‌କଲ୍ କାର୍ଯ୍ୟକ୍ରମ

ବାଲେଶ୍ୱର,୧୧।୧୦ (ନି.ପ୍ର): କେନ୍ଦ୍ର ବିଜେପି ସରକାରଙ୍କର ଚାଷ ଏବଂ ଚାଷୀ ବିରୋଧି ଆଇନ ବିରୁଦ୍ଧରେ ରାଜ୍ୟବ୍ୟାପି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ନିଷ୍ପତି ନେଇଛି। ଏହି ଆନ୍ଦୋଳନରେ ସାଧାରଣ ଜନତାଙ୍କୁ ବିଶେଷ କରି ଷୀମାନଙ୍କୁ ଅଧିକ ସଂଖ୍ୟାରେ ଯୋଡ଼ିବାକୁ ଏକ ଅଭିନବ ମିସ୍‌କଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବାଲେଶ୍ୱର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ପୂର୍ବତନ ଏମ୍.ଏଲ.ଏ. ଶ୍ରୀ ଯୋଗ ନାରାୟଣ ଦାସ ଓ ଟାଉନ କଂଗ୍ରେସ ସଭାପତି ଶ୍ରୀ ପଦ୍ମଲୋଚନ ଲେଙ୍କାଙ୍କ ଉପସ୍ଥିତିରେ ଏହି ମିସ୍‌କଲ କାର୍ଯ୍ୟକ୍ରମର ପୋଷ୍ଟରକୁ ଉନ୍ମୋଚନ କରିଛନ୍ତି। ଏହା ମାଧ୍ୟମରେ ଯେଉଁମାନେ ଏହି ଆନ୍ଦୋଳନ ସହିତ ଯୋଡ଼ି ହେବାକୁ ଚାହୁଁଛନ୍ତି ସେମାନେ ୭୪୦୬୩୪୩୩୩୦ ନମ୍ବରରେ ମିସ୍ କଲ କଲେ ତାଙ୍କ ପାଖକୁ ପିସିସି ପକ୍ଷରୁ ମେସେଜ୍ ଯିବା ସହିତ ସେମାନେ ଆନ୍ଦୋଳନରେ ସାମିଲ୍ ହୋଇପାରିବେ। ଏତଦ୍ ବ୍ୟତୀତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପରେ ଦସ୍ତଖତ ଅଭିଯାନ ମଧ୍ୟ ରାଜ୍ୟବ୍ୟାପି ଚାଲୁଛି ଯାହା ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପର୍ଯ୍ୟନ୍ତ ଚାଲିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟ ବ୍ୟାପି ୧୦ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବାର ଆହ୍ୱାନ ଦିଆଯାଇଛି। ପ୍ରକାଶ ଥାଉକି କେନ୍ଦ୍ର ସରକାର ସଂସଦର ଚଳିତ ମୌସୁମୀ ଅଧିବେଶନ ରେ ୩ଟି ଚାଷୀ ବିରୋଧି ଆଇନକୁ ସଂସଦୀୟ ଗଣତନ୍ତ୍ରର ପରମ୍ପରାକୁ ପଦଦଳିତ କରି ଏହାକୁ ପାରିତ କରିଛନ୍ତି। ଏହି ଆଇନ ଦ୍ୱାରା ଚାଷୀ ଏବଂ ଚାଷର ଭାଗ୍ୟ ପୁଞ୍ଜିପତି ଏବଂ କର୍ପୋରେଟ ହାଉସ ହାତକୁ ଚାଲିଯିବ। ଛୋଟ, ନାମମାତ୍ର, ମଧ୍ୟମବର୍ଗ ଏବଂ ଭାଗଚାଷୀ ମାନେ ଏହାଦ୍ୱାରା ଗଭୀର ସଂକଟ ଭିତରକୁ ଠେଲି ହୋଇଯିବେ। ଚାଷୀର ଫସଲ ଉତ୍ପାଦନଠୁ ଆରମ୍ଭ କରି ତା'ର ବିକ୍ରିବଟା ଦେଶର ବଡ଼ ବଡ଼ ପୁଞ୍ଜିପତି ମାନଙ୍କ ନିୟନ୍ତ୍ରଣକୁ ଚାଲିଯିବ। ମଣ୍ଡି ବା ସମବାୟ ସମିତି ମାଧ୍ୟମରେ ଚାଷୀମାନେ ଯେଉଁଭଳି ତାଙ୍କର ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିପାରୁଥିଲେ ତାହା କ୍ରମଶଃ ବନ୍ଦ ହୋଇଯିବ। ଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍.ଏସ୍.ପି. କଂଗ୍ରେସ ସରକାର ପ୍ରଚଳନ କରିଥିଲା। ଯାହାଦ୍ୱାରା ଛୋଟ ଚାଷୀମାନେ ବହୁଳ ଭାବରେ ଉପକୃତ ହେଉଥିଲେ। ଏହି ନୂଆ ଆଇନ ତାଙ୍କୁ ଉଚ୍ଛେଦ କରିବାର ଏକ ଷଡ଼ଯନ୍ତ୍ର। ଚାଉଳ, ଡାଲି, ତେଲ, ଆଳୁ, ପିଆଜ ଇତ୍ୟାଦିକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବରେ ଆଉ ବିଚାର କରାଯିବ ନାହିଁ। ଏହା ଫଳରେ ଉଭୟ ଚାଷୀ ଏବଂ ଖାଉଟି ପ୍ରଭାବିତ ହେବେ ଏବଂ ଏସବୁର ମୂଲ୍ୟ ଆକାଶ ଛୁଆଁ ହେବ। ଏହି କଳା ଆଇନ ବିରୁଦ୍ଧରେ ଦେଶର ୨୫୦ଟି ଚାଷୀ ସଂଗଠନ ଜୋରଦାର ଆନ୍ଦୋଳନ ଆରମ୍ଭ କରିଛନ୍ତି ଏବଂ କଂଗ୍ରେସ ଦଳ ମଧ୍ୟ ଏହା ବିରୁଦ୍ଧରେ ଦେଶବ୍ୟାପି ଆନ୍ଦୋଳନର ଡାକରା ଦେଇଛି। ଅନୁରୂପ ଭାବରେ ଶ୍ରମ ଆଇନର ସଂସ୍କାର ନାମରେ ପୂର୍ବର ଶ୍ରମ ଆଇନ ଗୁଡ଼ିକୁ ଉଚ୍ଛେଦ କରାଯାଇ ଲେବର କୋର୍ଡ ବିଜେପି ସରକାର ପ୍ରଚଳନ କରୁଛନ୍ତି ଯାହା ଶ୍ରମିକ ବିରୋଧି। ଶ୍ରମିକ ମାନଙ୍କର ସର୍ବନିମ୍ନ ଅଧିକାର ସବୁକୁ ଏହା କ୍ଷୁର୍ଣ୍ଣ କରିବ ଏବଂ ପୁଞ୍ଜିପତିମାନଙ୍କୁ ସୁହାଇବ। ତେଣୁ ତା' ବିରୁଦ୍ଧରେ ମଧ୍ୟ ଆନ୍ଦୋଳନକୁ ତୀବ୍ର କରିବାପାଇଁ କଂଗ୍ରେସ ଡାକରା ଦେଇଛି। ଗତକାଲି ପ୍ରଦେଶ କଂଗ୍ରେସ ପକ୍ଷରୁ ଏହି ପ୍ରରିପ୍ରେକ୍ଷୀରେ ବାଲେଶ୍ୱର ଠାରେ ରାଜ୍ୟସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହେବାପରେ କଂଗ୍ରେସର ଆଜିର କାର୍ଯ୍ୟକ୍ରମକୁ ଏହି ଆନ୍ଦୋଳନକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟ ମୁଖ ପାତ୍ର ଶ୍ରୀ ସୁଦର୍ଶନ ଦାସ ପ୍ରକାଶ କରିଛନ୍ତି। ସବୁଠୁ ପରିତାପର ବିଷୟ ହେଉଛି ଯେ ଓଡ଼ିଶାର ବିଜେଡ଼ି ସରକାର କେନ୍ଦ୍ରର ବିଜେପି ସରକାରଙ୍କ ଏହି ଜନବିରୋଧୀ ଓ କୃଷକ ବିରୋଧି ତିନୋଟି ଆଇନ ପାସ କଲାବେଳେ ତାକୁ ସମର୍ଥନ କରିବା ବିଜେଡ଼ିର ଦୋମୁହଁ ନୀତି ଏବଂ ଅସଲ ଚେହେରାକୁ ପଦାରେ ପକାଇଛି। ଲୋକସଭାରେ ଏହି ଆଇନକୁ ସମର୍ଥନ କଲାବେଳେ ରାଜ୍ୟସଭାରେ ଏହାକୁ ବିରୋଧ କରିବା ଚାଷୀକୂଳକୁ ପ୍ରତାରଣା ଏବଂ ବିଜେଡ଼ିର "ସମଦ୍ୱରୂତ୍ୱ ଥିଓରୀ"ର ଏକ ପ୍ରହସନ ବୋଲି ଶ୍ରୀ ଦାସ ଆକ୍ଷେପ କରିଛନ୍ତି। ବାସ୍ତବରେ ୨୦୧୯ ନିର୍ବାଚନ ପରଠୁ ବିଜେଡ଼ି ଏବଂ ବିଜେପି ଆଉ ପରସ୍ପର ବିରୋଧି ହୋଇ ରହି ନାହାଁନ୍ତି। ବରଂ ପରସ୍ପରର ପରିପୁରକ ହୋଇ ଯାଇଛନ୍ତି ଏବଂ ସେମାନଙ୍କ ଭିତରେ କୌଣସି ପାର୍ଥକ୍ୟ ନାହିଁ। ସେମାନେ ଏକ ଏବଂ ଅଭିନ୍ନ ବୋଲି ଶ୍ରୀ ଦାସ କଟାକ୍ଷ କରିଛନ୍ତି।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୧୧ ଅକ୍ଟୋବର (ହି.ସ.) – ଭାରତ ବର୍ଷରେ ସମାଜବାଦୀ ଆନ୍ଦୋଳନ ଓ ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜନ୍ମ ଜୟନ୍ତୀ ଆଜି ସାମାଜିକ ଦୂରତା ରକ୍ଷା କରାଯାଇ ପାଳନ କରାଯାଇଛି । ଭୁବନେଶ୍ୱର ରେଳଷ୍ଟେସନ୍ ନିକଟରେ ଥିବା ଲୋକନାୟକଙ୍କ ପ୍ରତିମୂର୍ତିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ହିନ୍ଦ୍ ମଜଦୁର୍ ସଂଘ ତରଫରୁ ପଂଚାନନ ସେନାପତି, ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍ ସଂଯୋଜକ ଲକ୍ଷ୍ମୀଧର ବେହେରା, ସାମାଜିକ ନ୍ୟାୟ ଆନ୍ଦୋଳନ ପ୍ରବକ୍ତା ପ୍ରଭାସ ସାମନ୍ତରାୟ, ସଂସ୍କୃତି ପ୍ରେମୀ ନଗେନ୍ କୁମାର ନାୟକ, ଯାଜ୍ଞସେନ ପଣ୍ଡା, ଅଖିଳ ସ୍ୱାଇଁ, ପ୍ରଶାନ୍ତ ଜେନା, ଶିଶିର ନାୟକ, ତିମିର ନାୟକ, ବେଦବିଦ୍ୱାନ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତଜ୍ଞ ବଶିଷ୍ଟ ନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ପ୍ରଥମେ ବାମପନ୍ଥୀ ଚିନ୍ତାଧାରା ଓ ପରବର୍ତୀ ଅବସ୍ଥାରେ ସମାଜବାଦ ଚିନ୍ତାଧାରା ମାଧ୍ୟମରେ ଦଳିତ, ନିଷ୍ପେସିତ ଜନସାଧାରଣଙ୍କୁ ଶୋଷଣମୁକ୍ତ କରିବା ସହିତ କୃଷକ, ଶ୍ରମିକ ଓ ନିର୍ଯ୍ୟାତିତ ହେଉଥିବା ଜନସାଧାରଣଙ୍କ କଲ୍ୟାଣ ପାଇଁ ସଦା ସର୍ବଦା ସଂଘର୍ଷ ଜାରି ରଖିଥିଲେ । ଗଣତନ୍ତ୍ରର ସୁରକ୍ଷା ପାଇଁ ଜୟପ୍ରକାଶ ନାରାୟଣ ସମଗ୍ର ଦେଶରେ ସମ୍ପୂର୍ଣ୍ଣ କ୍ରାନ୍ତି ମାଧ୍ୟମରେ ଯେଉଁ ଜନଆନ୍ଦୋଳନ ଗଢିତୋଳିଲେ ତାହାର ପ୍ରଭାବ ସ୍ୱରୂପ ୧୯୭୭ ମସିହାରେ ପ୍ରଥମ ଅଣକଂଗ୍ରେସ ସରକାର କେନ୍ଦ୍ରରେ ଗଠନ ହୋଇପାରିଥିଲା । ମାତ୍ର ଅଣକଂଗ୍ରେସ ଶକ୍ତିଙ୍କ ମଧ୍ୟରେ ଥିବା ବିଚାରଧାରାର ସମନ୍ୱୟ ଅଭାବରୁ ଏକ ଧର୍ମନିରପେକ୍ଷ ଅଣକଂଗ୍ରେସ ଶାସନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଲା । ସାମ୍ପ୍ରତିକ ସ୍ଥିତିରେ ଦେଶରେ ସମସ୍ତ ଧର୍ମନିରପେକ୍ଷ ଓ ଅଣକଂଗ୍ରେସ ଶକ୍ତି ଏକାଠି ହେଲେ ଗଣତନ୍ତ୍ରର ସୁରକ୍ଷା ସହିତ ଦେଶର ଧର୍ମନିରପେକ୍ଷତା ବଜାୟ ରହିପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ ।

## ସାଂସ୍କୃତିକ ସଂଗଠକଙ୍କ ପରଲୋକ

ପୁରୀ, ୧୧ ଅକ୍ଟୋବର (ହି.ସ.)- ଶ୍ରୀକ୍ଷେତ୍ରର ଜଣାଶୁଣା ସାଂସ୍କୃତିକ ସଂଗଠକ ନବକିଶୋର ପ୍ରଧାନଙ୍କ ୪୮ ବର୍ଷ ବୟସରେ ପରଲୋକ ଘଟିଛି । ସେ ଏକାଧାରାରେ ଜଣେ ଦକ୍ଷ ସଂଗଠକ, କ୍ରୀଡ଼ାବିତ୍ ଓ ସଂସ୍କୃତି ପ୍ରେମୀ ଥିଲେ । ପୁରୀର ଅନେକ କୃତି ପ୍ରତିଭାଙ୍କୁ ବିଭିନ୍ନ ମଂଚରେ ସମ୍ମାନିତ କରି ସେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ । ଗ୍ଲୋରିଫେଷ୍ଟ, ସୋ ଟାଇମ୍, ସମର ଫେଷ୍ଟ ଆଦି କାର୍ଯ୍ୟକ୍ରମର ଆୟୋଜନ କରି ସଫଳତାର ସହିତ ଜଣେ ଯୁବ ସଂଗଠକ ଭାବେ ପରିଚୟ ଲାଭ କରିଥିଲେ । ବିଭିନ୍ନ ନାଟକ, ଟିଭି ସିରିଏଲ୍ ଓ ଚଳଚ୍ଚିତ୍ର କଳାକାରଙ୍କ ସହ ସେ ବେଶ୍ ପରିଚିତ ଥିଲେ । ସେ ପୂର୍ବରୁ କରୋନା ପଜିଟିଭ୍ ଚିହ୍ନଟ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସାଧିନ ଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୧।୧୦ (ନି.ପ୍ର): 'ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଙ୍ଘ' ଅଫିସ୍ ଗୃହରେ ଧୀରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ 'ସହାୟକ' ଓ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଙ୍ଘର ପୃଷ୍ଠପୋଷକ ସଭ୍ୟ ସ୍ୱର୍ଗତ ରଞ୍ଜୟ କୁମାର ଗିରି, ସ୍ୱର୍ଗତ ଡା. ବାସୁଦେବ ଦାସ ଓ ସ୍ୱର୍ଗତ ନୟନ ସାଙ୍ଗଭୀଙ୍କ ଦେହାନ୍ତ ଅବସରରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ 'ସହାୟକ'ର ସାଧାରଣ ସମ୍ପାଦକ ବନମାଳି ନାୟକ, ଡା. ତାରାକାନ୍ତ ନନ୍ଦ, ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ଶଶାଙ୍କ ଶେଖର ଦତ୍ତ, ଗୌରାଙ୍ଗ ସାହୁ, ଶ୍ୟାମସୁନ୍ଦର ଜେନା, ଭବେଶ ଚନ୍ଦ୍ର ପଣ୍ଡା, ଶେଖ୍ ଆଲ୍ଲାଉଦ୍ଦିନ୍, ପୁରୁଷୋତ୍ତମ ବେହେରା, ରବି କୁମାର ପାଣିଗ୍ରାହୀ, କେଶବ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ସ୍ମୃତିଚାରଣ କରିବା ସଙ୍ଗେସଙ୍ଗେ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କରୋନା-୧୯ର ସମସ୍ତ ନୀତିନିୟମ ପାଳନ କରି ବୈଠକ ପରିଚାଳନା ହୋଇଥିଲା। ବସନ୍ତ କୁମାର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜାରକୁ ଯାଇ ଫେରିଲେନି ବିଜୟ
### ରାସ୍ତା କଡ଼ରୁ ମୃତ ଦେହ ଉଦ୍ଧାର

ଗୁଣୁପୁର ,୧୧।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ବ୍ଲକ୍ ଅମ୍ବାଦଳା ଥାନା ଅନ୍ତର୍ଗତ କୁଟରୁପାଲି ଗଜାଖୁପୁଲି ରାସ୍ତା କଡ଼ରୁ ମୃତ ଦେହ ଠାବ। ମୃତକ ଜଣକ ଗଜାଖୁପୁଲି ଗ୍ରାମର ବିଜୟ ପାତ୍ର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଗତକାଲି ଅପରାହ୍ନ ଚାରିଟା ସମୟରେ ଗଜାଖୁପୁଲି ଗ୍ରାମର ବିଜୟ ପାତ୍ର ଅମ୍ବାଦଳା ବଜାରକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ରାତିରେ ଖୋଜ ଖବର କରିଥିଲେ ସୁଦ୍ଧା ତାଙ୍କ ବିଷୟରେ କିଛି ଜାଣିପାରି ନଥିଲେ।କିନ୍ତୁ ଆଜି ସକାଳୁ ବିଜୟର ମୃତ ଦେହ କୁଡୁରୁପାଲିରୁ ଗଜାଖୁପୁଲି ଯିବା ରାସ୍ତାରେ ପଡିଥିବା ଦେଖି କିଛି ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ମୃତ ଦେହ ନିକଟରେ ପହଞ୍ଚି ମୃତ ଦେହକୁ ବିଜୟ ପାତ୍ର ବୋଲି ଜାଣି ଏନେଇ ଅମ୍ବାଦଳା ଥାନାରେ ଏକ ଲିଖିତ ଅଭିଯୋଗ କଲାପରେ ଅମ୍ବାଦଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କଲାପରେ ଅମ୍ବାଦଳା ଥାନା ଅଧିକାରୀ ବନ୍ଦନା ନାୟକ ବିସମକଟକ ଏସଡିପି ଓ ଆକାଶ କୁମାର ସାହୁ ଏବଂ ରାୟଗଡା ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ନେଇ ଘଟଣା ସ୍ଥଳରେ ତଦନ୍ତ କଲାପରେ ମୃତ ଦେହକୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।ଏ ନେଇ ଅମ୍ବାଦଳା ଥାନାରେ ୧୦୯/୨୦୨୦ ଆଇପିସି ଧାରା ୩୦୨ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରିରଖିଛନ୍ତି।

## ସୀମାନ୍ତରେ ଟିଆରଏସ ନେତାଙ୍କୁ ଗୁଳିକରି ହତ୍ୟା କଲେ ମାଓବାଦୀ

ମାଲକାନଗିରି,୧୧।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟ ରେ ମାଓବାଦୀ ଗତକାଲି ବିଳମ୍ବିତ ରାତ୍ରରେ ଜଣେ ଟିଆରଏସ ନେତାଙ୍କୁ ଗୁଳିକରି ହତ୍ୟା କରିଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ ତେଲେଙ୍ଗାନା ରାଜ୍ୟ ବୁଡୁଲି ଜିଲ୍ଲା ଭେଙ୍କଟ ପୁରମ ଥାନା ଆଲୁପକା ଗ୍ରାମର ଟିଆରଏସ ନେତା ଏମ ଭୀମେଶ୍ୱର ରାଓ ଙ୍କ ଘରକୁ ଗତକାଲି ବିଳମ୍ବିତ ରାତ୍ର ରେ ୬ ଜଣ ସଶସ୍ତ୍ର ମାଓବାଦୀ ଆସି ତାଙ୍କ ଘରେ ପଶି ପରିବାର ଲୋକ ଙ୍କ ସମ୍ମୁଖରେ ଗୁଳିକରିଥିଲେ ।ସେଠାରେ ମାଓବାଦୀ ଏକ ହାତ ଲେଖା ପୋଷ୍ଟର ଛାଡି ଯାଇଥିଲେ ।ଯେଉଁଥିରେ ଆଗାମୀ ଦିନରେ ବିଜେପି ଓ ଟିଆରଏସ ନେତାଙ୍କୁ ହତ୍ୟା ଧମକ ଦିଆଯାଇଛି ।ମାଓବାଦୀ ମାନେ ଗୁଳି କରି ଚାଲିଯିବା ପରେ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ମେଡିକାଲ କୁ ନେଇଥିଲେ ହେଲେ ବାଟରେ ସେ ମୃର୍ତ୍ୟୁ ବରଣକରିଥିଲେ।

## ନବ ନିଯୁକ୍ତ ଜିଲ୍ଲା ଯୁବ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା




ବାରିପଦା ,୧୧।୧୦ (ନି.ପ୍ର): ମୟୂରଭଂଜ ଜିଲ୍ଲା ବହଳଦା ବ୍ଲକ୍ ବିଜୁ ଯୁବ ଛାତ୍ର ଜନତାଦଳ ଆନୁକୁଲ୍ୟରେ ଗତ ୯ ତାରିଖ ଦିନ ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଂଡଳିର ଝରାଡିହି ଠାରେ ନବନିଯୁକ୍ତ ମୟୂରଭଞ୍ଜ-୨ ଜିଲ୍ଲା ଯୁବ ବିଜେଡି ସଭାପତି ଶ୍ରୀ ଅଭିଷେକ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାର ଜଣାଯାଇଛି । ବରିଷ୍ଠ ବିଜେଡି ନେତା ଶ୍ରୀ ସଚ୍ଚୀନ୍ଦ୍ର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପଟ୍ଟନାୟକଙ୍କ ସହିତ ରାଜ୍ୟ ଛାତ୍ର ଜନତା ସମ୍ପାଦକ ଶ୍ରୀ ବିକାଶ ମହାନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପୂର୍ବତନ ବିଧାୟକ ଶ୍ରୀ ସାଇବା ଶୁସିଲ ହାଁସଦା, ଜିଲ୍ଲା ବିଜେଡି ମୁଖପାତ୍ର ଶ୍ରୀ ରତିକାନ୍ତ ପରୀକ୍ଷା ବିଶେଷ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବିଜେଡିର ସ୍ଥାନୀୟ ନେତୃସ୍ଥାନୀୟ ବ୍ୟକ୍ତି ଓ କର୍ମୀ ମାନଙ୍କୁ, ବର୍ତମାନ କରୋନା ପରିସ୍ଥିତିରେ କର୍ମୀମାନେ ସମସ୍ତଙ୍କୁ ମାସ୍କ ବ୍ୟବହାର, ସାମାଜିକ ଦୂରତା ଅବଲମ୍ବନ ନିମନ୍ତେ ସଚେତନ କରାଇବା ସାଙ୍ଗକୁ ଏହି କରୋନା ମହାମାରୀ ସମୟରେ କର୍ମୀମାନେ ସମସ୍ତେ ସଙ୍ଗଠିତ ହୋଇ ସାଦାରଣ ଲୋକଙ୍କ ସେବା କରିବାପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହଳଦା ବ୍ଲକର ସମସ୍ତ ପଂଚାୟତକୁ ମାସ୍କ, ସାବୁନ, ସାନିଟାଇଜର ଆଦି ଯୋଗାଇବାପାଇଁ ଏବଂ ସମସ୍ତଙ୍କୁ କରୋନା ପାଇଁ ସଚେତନ କରାଇବା ନିମନ୍ତେ ଆଲୋଚନା ହୋଇଥିଲା ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବହଳଦା ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ଦୁଖୁ ହେମ୍ବ୍ରମ, ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଭାଗ୍‌ମାତ୍ ହେମ୍ବ୍ରମ, ହରେକୃଷ୍ଣ ମଣ୍ଡଳ, ଲାଲମୋହନ ବାରିକ, ଆନନ୍ଦ ସିଂ, କମଳାକାନ୍ତ ମିଶ୍ର, ପ୍ରବିର ଦାସ, ବିଶ୍ୱନାଥ ସୋରେନ, ବୈଦ୍ୟନାଥ ମହାନ୍ତ, ପିତାମ୍ବର ମୁର୍ମୁ, ଗୁଣଧର ବେହେରା, ମନୋଜ ବେହେରା, ରବିନ୍ଦ୍ରନାଥ ମାରାଣ୍ଡି, ମାନସ ବେହେରା, ଗୋବିନ୍ଦ ମୁର୍ମୁ, ଗାନ୍‌ସା ଟୁଡୁ, ମହେନ୍ଦ୍ର ସର୍ଦ୍ଦାର, ଉଗାନ ମୁର୍ମୁ, ନାରାୟଣ ମହାନ୍ତି, ଶ୍ରୀନିବାସ ବାରିକ, ହେମନ୍ତ ବେହେରା, ସିଂରାୟ ହାଁସଦା, ପ୍ରଦୀପ ସିଂ, ଗଣେଶ ବେହେରା, ବୁଧୁ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଗୋଟିଏ ଦିନରେ...

ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୪୧୦ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୨୦୮ , ବାଲେଶ୍ୱର ଜିଲ୍ଲାରେ ୧୦୩ ଜଣ, ବରଗଡ ଜିଲ୍ଲାରେ ୯୨ , ଭଦ୍ରକ ଜିଲ୍ଲାରେ ୩୪, ବଲାଙ୍ଗିର ଜିଲ୍ଲାରେ ୮୫, ବୌଦ୍ଧ ଜିଲ୍ଲାରେ ୩୭ ,କଟକ ଜିଲ୍ଲାରେ ୧୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୪. ଢେଙ୍କାନାଳ ଜିଲ୍ଲାରେ ୨୫, ଗଜପତି ଜିଲ୍ଲାରେ ୧୦, ଗଂଜାମ ଜିଲ୍ଲାରେ ୩୪, ଜଗତସିଂହପୁର ଜିଲ୍ଲାରେ ୮୬, ଯାଜପୁର ଜିଲ୍ଲାରେ ୯୦. ଝାରସୁଗୁଡା ଜିଲ୍ଲାରେ ୫୭, କଳାହାଣ୍ଡି ଜିଲ୍ଲାରେ ୭୫, କନ୍ଧମାଳ ଜିଲ୍ଲାରେ ୪୯, କେନ୍ଦ୍ରାପଡା ଜିଲ୍ଲାରେ ୭୫ ,କେନ୍ଦୁଝର ଜିଲ୍ଲାରେ ୪୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୭୨ ଜଣ, ମାଲକାନଗିରି ଜିଲ୍ଲାରେ ୨୭, ମୟୁରଭଂଜ ଜିଲ୍ଲାରେ ୧୨୦, ନବରଙ୍ଗପୁରରେ ୬୦, ନୟାଗଡ ଜିଲ୍ଲାରେ ୪୮, ନୂଆପଡା ଜିଲ୍ଲାରେ ୮୮, ପୁରୀ ଜିଲ୍ଲାରେ ୭୦, ରାୟଗଡା ଜିଲ୍ଲାରେ ୨୧, ସମ୍ବଲପୁର ଜିଲ୍ଲାରେ ୮୪ ,ସୋନପୁର ଜିଲ୍ଲାରେ ୪୮ ତଥା ସୁନ୍ଦରଗଡ ଜିଲ୍ଲାରେ ୧୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୮୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ମାନସ ଦତ୍ତ ବିଜେପିର...

ଧରି ସ୍ଥାନୀୟ ଜନସମସ୍ୟା ସହ ଯୋଡ଼ିହେବା ଓ ସାମାଜିକ କାର୍ଯ୍ୟ ଜାରି ରଖିଥିଲେ। ପିତୃ ବିୟୋଗ ଜନିତ ଅନୁକମ୍ପା ଭୋଟ ମିଳିବା ଆଶାକୁ ଦୃଷ୍ଟିରେ ରଖି ଶେଷରେ ରାଜ୍ୟନେତା ଓ କେନ୍ଦ୍ରୀୟ ନେତାମାନେ ମାନସଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ। ପ୍ରଥମରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତିଙ୍କ ବିରୋଧ ସତ୍ତ୍ୱେ ଶେଷରେ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ମାନସଙ୍କ ପ୍ରାର୍ଥିତ୍ୱ ପାଇଁ ତାଙ୍କର ନାମ କେନ୍ଦ୍ରୀୟ କମିଟିକୁ ସୁପାରିଶ କରିଥିଲେ। ତେବେ ତାଙ୍କର ନାମ ଘୋଷଣା ପରେ ମାନସ ସନ୍ତୋଷ ପ୍ରକାଶ ସହ କେନ୍ଦ୍ରୀୟ ଓ ରାଜ୍ୟ କର୍ମକର୍ତ୍ତାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ବାପାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ସହିତ ତାଙ୍କଭଳି ସାଧାରଣ ଲୋକଙ୍କୁ ସେବା ଯୋଗାଇବାକୁ ଚେଷ୍ଟା ଜାରି ରଖିବେ ବୋଲି ସେ କହିଛନ୍ତି। ବାଲେଶ୍ୱରରେ ବିଜେପି ଗୋଟିଏ ପରିବାର ଭଳି କାର୍ଯ୍ୟ କରୁଥିବା ବେଳେ ତାଙ୍କର ପ୍ରାର୍ଥିତ୍ୱକୁ ନେଇ କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ଚଳିତ ନିର୍ବାଚନରେ ତାଙ୍କର ବିଜୟ ପାଇଁ ସମସ୍ତ ଦଳୀୟ କର୍ମୀ ଓ ନେତା ଏକମନ ହୋଇ କାର୍ଯ୍ୟ କରୁଥିବା ସେ କହିଥିଲେ।

### ଆସନ୍ତା ୧୪ ତାରିଖ ଯାଏ ...

ଦୃଷ୍ଟିରେ ରଖି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ନବରଙ୍ଗପୁର, କନ୍ଧମାଳ, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ କଟକ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ପ୍ରକାଶ କରା ଯାଇଛି । ଏଥିସହିତ ଆସନ୍ତା ୧୩ରୁ ୧୪ ତାରିଖ ମଧ୍ୟରେ ନୂଆପଡ଼ା, ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା ଓ ଗଞ୍ଜାମ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯିବା ସହ ବର୍ଷା ସମୟରେ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ରାଜ୍ୟରେ ଆଉ...

କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। କୋରାପୁଟ ଜିଲ୍ଲାରେ ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ପୁରୀ ଜିଲ୍ଲାର ଜଣେ ୬୮ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

### ରାଜ୍ୟରେ ଆଜି...

ଜିଲ୍ଲାରୁ ୩୫ ଜଣ, ବାଲେଶ୍ୱର ଜିଲ୍ଲାରୁ ୩୪ ଜଣ, ଦେବଗଡ଼ ଜିଲ୍ଲାରୁ ୨୨ ଜଣ, ରାୟଗଡ଼ା ଜିଲ୍ଲାରୁ ୧୪ ଜଣ, ନବରଂଗପୁର ଜିଲ୍ଲାରୁ ୧୩ ଜଣ, ଗଜପତି ଜିଲ୍ଲାରୁ ୧୦ ଜଣ ଓ ରାଜ୍ୟପୁଲରୁ ୨୨୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

### ପ୍ଲାଜମାଦାତାଙ୍କୁ ...

ଏହି ବୈଠକରେ ଇଂ. ବନମାଳୀ ନାୟକ, ପ୍ରସନ୍ନ କୁମାର ପାଢ଼ୀ, ଶଶାଙ୍କ ଶେଖର ଦତ୍ତ, ସୀତାରାମ ପ୍ରଧାନ, ଶ୍ୟାମସୁନ୍ଦର ଜେନା, ମାୟାଧର ନାୟକ, ଦୁକୁଲ ଚନ୍ଦ୍ର ଘଡ଼ାଇ, ବେଣୁଧର ବାରିକ, ବିଜନ ଦେ, ଗୌରାଙ୍ଗ ପାଣିଗ୍ରାହୀ, ବନ୍ଦନା ବିଶ୍ୱାସ, ସେଖ୍ କରିମ୍, ଶ୍ରୀନାଥ ରଣା, ଜତିନ୍ ପାତ୍ର, ସୁଶାନ୍ତ ଶତପଥୀ, ଦାଶରଥି ବାରିକ, ଅଜୟ କୁମାର ମହାଳିକ, ଡା: ତାରାକାନ୍ତ ନନ୍ଦ, ପୁରୁଷୋତ୍ତମ ବେହେରା, ନବ ପୋଥାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରଦ୍ଧାଞ୍ଜଳି ରାୟ ଧନ୍ୟବାଦ ଦେଇଥିଲେ।

### ଚନ୍ଦ୍ରପୁର ବ୍ୟାଙ୍କ ମ୍ୟାନେଜର....

ଏ ବ୍ୟାଙ୍କରେ ଏପରି ଅନିୟମିତ ସବୁବେଳେ ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି। ଏଥିପୂର୍ବରୁ ଡେକାପଙ୍କାଳ ମୌଜାର ନକୁଳ ସହଦେବଙ୍କ ଜମା ଖାତାରୁ ବିଏମ୍‌ଙ୍କ ଜଣାତରେ ତାଙ୍କର ସହଯୋଗିଙ୍କ ଦ୍ୱାରା ପ୍ରାୟ ୪୦ ହଜାର ଟଙ୍କା ଅଜଣାତରେ ଉଠାଯାଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହେବା ସହ ଖାତାଦାର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ, ହେଲେ ବିଏମ୍ ନକୁଳ ମାଳବିଶୋଇକୁ ଥାନାରେ ଅଭିଯୋଗ କରିବାକୁ ବାରଣ କରିଥିଲେ। ପରବର୍ତ୍ତି ମୂହୁର୍ତ୍ତରେ ବିଏମ୍‌ଙ୍କ ଜଣାତରେ ଟଙ୍କା ଉଠାଇ ଥିବା ବ୍ୟକ୍ତି ପୁନର୍ବାର ନକୁଳର ଜମା ଖାତାରେ ଡିପୋଜିଟ କରାଇଥିଲେ । ଏହି ପରି ଏହି ବ୍ୟାଙ୍କରେ ଏମ୍ ଜିଏନ୍ ଆରଇଜିଏସ୍ ଯୋଜନାରେ ଖାତାଦାରଙ୍କ ଅଜଣାତରେ ନକଲି ଦସ୍ତଖତ କରି ଖାତାରୁ ଟଙ୍କା ଉଠାଯାଉଛି। ହେଲେ ଏ ବାବଦକୁ ମ୍ୟାନେଜର ଓ ଦଲାଲ ମାଲେମାଲ ହେଉଥିବା ବେଳେ, ଏହି ବ୍ୟାଙ୍କରେ ଟଙ୍କା ରଖିବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। ଜମାକାରୀଙ୍କ ଦସ୍ତଖତ ତଦନ୍ତ କଲେ ବିଏମଙ୍କ ବହୁ ଅନୀୟମିତ ପଦାରେ ପଡିବ ବୋଲି ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି।

## ଇଫକୋ ସାରକାରଖାନାର କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ପାରାଦ୍ୱୀପ ,୧୧।୧୦ (ନି.ପ୍ର): ପାରାଦ୍ୱୀପ ସ୍ଥିତ ଇଫକୋ ସାରକାରଖାନାରେ କାର୍ଯ୍ୟରତ ଜନୈକ ଏମ୍‌ଡି.ହାଜି ଅଲ୍ଲୀ (୫୫)ଙ୍କ ମୃତ ଦେହ ରବିବାର ସକାଳେ ତାଙ୍କ ସରକାରୀ ବାସଭବନ ରୁ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଝାଡଖଣ୍ଡ ରାଜ୍ୟ ର ପୂର୍ବ ଚମ୍ପାରନ ଅଞ୍ଚଳର ଏମ୍‌ଡି.ହାଜି ଅଲ୍ଲୀ ପାରାଦ୍ୱୀପ ସ୍ଥିତ ଇଫ୍‌କୋ ସାରକାରଖାନାରେ ମେକାନିକାଲ ବିଭାଗରେ କାର୍ଯ୍ୟ କରୁଥିଲେ । ଦୀର୍ଘ ୧୫ଦିନ ହେବ ସେ ଅସୁସ୍ଥତା କାରଣ ରୁ ଘରେ ରହୁଥିଲେ। ରବିବାର ସକାଳୁ ଘର କବାଡ ନ ଖୋଲିବାରୁ ପଡୋଶୀମାନେ ଇଫକୋ କର୍ତ୍ତୃପକ୍ଷ ଙ୍କୁ ଜଣାଇଥିଲେ । କମ୍ପାନୀ କର୍ତ୍ତୃପକ୍ଷ ଙ୍କ ଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଛନ୍ତି । ଏ ସମ୍ପର୍କରେ ୨୬/୨୦ ରେ ଏକ ଅପମୃତ୍ୟୁ ମାମଲା ପାରାଦ୍ୱୀପ ଆଦର୍ଶ ଥାନାରେ ରୁଜୁ ହୋଇଥିବା ଥାନା ଅଧିକାରୀ ରଜନୀକାନ୍ତ ସାମଲଙ୍କ ଠାରୁ ପ୍ରକାଶ ।

## ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୧।୧୦ (ନି.ପ୍ର): ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ କେଦାର ଲେନ୍, ଗାନ୍ଧୀ ଭବନ ପରିସରରେ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଦେଶର ସାମ୍ପ୍ରତିକ ପରିସ୍ଥିତି ଉପରେ ଏକ ଆଲୋଚନା ସଭା ଉତ୍କଳ ଖଦୀ ମଣ୍ଡଳ ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ବରିଷ୍ଠ ଆଡ଼ଭୋକେଟ ବୈଷ୍ଣବ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଗାନ୍ଧୀଙ୍କର ଅସହଯୋଗ ଅହିଂସା ଆନ୍ଦୋଳନକୁ ଦେଶର ବର୍ତମାନ ସ୍ଥିତିରେ ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସେତେବେଳେ ବିରାଟ ବ୍ରିଟିଶ ବାହିନୀ ବିନା ଅସ୍ତ୍ରରେ ଆମ ଦେଶରୁ ବିତାଡ଼ିତ କରିଥିଲେ। ତାଙ୍କର ଅସ୍ତ୍ର ଥିଲା ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ କାରିଗରୀରେ ଦ୍ରବ୍ୟ ବ୍ୟବହାର କରିବା। ସେଥିପାଇଁ ସେ ଲୋକମାନଙ୍କୁ ହାତ ତିଆରି ଅରଟରେ ସୂତା କାଟି ଲୁଗା ବୁଣି ପିନ୍ଧିବାକୁ କହୁଥିଲେ। ବ୍ରିଟିଶ ମାନଙ୍କୁ ପରାସ୍ତ କରିବାକୁ ଗାନ୍ଧୀଙ୍କର ମୁଖ୍ୟ ଅସ୍ତ୍ର ଥିଲା ଅରଟ। ସେହିପରି ଖଦୀ ଗ୍ରାମାଂଚଳ ଉଦ୍ୟୋଗର ପ୍ରାକ୍ତନ ନିର୍ଦ୍ଦେଶକ ମୁଖ୍ୟ ବକ୍ତା କ୍ଷୀରୋଦ ରଞ୍ଜନ ସାହୁ ମଧ୍ୟ ସାମ୍ପ୍ରତିକ ପରିସ୍ଥିତି ପାଇଁ ଗଭୀର ପଂଚଭୂତ ପ୍ରଦୂଷିତ ହୋଇଛି। ଏହାକୁ ପ୍ରଦୂଷଣମୁକ୍ତ କରିବା ନିତାନ୍ତ ଜରୁରୀ ଅଟେ। ପରିବର୍ତନର ସମ୍ପାଦକ ଆଡ଼ଭୋକେଟ ରମାକାନ୍ତ ପରିଜା ଜୟପ୍ରକାଶଙ୍କ ଆତ୍ମ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଆମେ ବର୍ତମାନ ପରିସ୍ଥିତିରେ ପୂର୍ବପୁରୁଷ କଥାକୁ ମାନି ଚଳିଲେ ରାମରାଜ୍ୟ ଫେରିଆସିବ। ଶେଷରେ ପ୍ରଭାସ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଦୀ ମଣ୍ଡଳର ସମ୍ପାଦକ ଧ୍ରୁବଚରଣ ଲେଙ୍କା, ବିରଂଚି ନାରାୟଣ ଗାଆଣ, ଶରତ ଚନ୍ଦ୍ର ମୁଦ୍ରା, ରଞ୍ଜନ କୁମାର ନାୟକ, ଶାନ୍ତିଲତା ଲେଙ୍କା, ବିଦ୍ୟାଧର ନାୟକ ଓ ବିଶ୍ୱ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୧।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୪୧୦ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୩,୫୬୫ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୫୬୪୯, ବାଲେଶ୍ୱର ଜିଲ୍ଲାରେ ୮୬୮୪ , ବରଗଡ ଜିଲ୍ଲାରେ ୭୪୪୪, ଭଦ୍ରକ ଜିଲ୍ଲାରେ ୫୯୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୩୧୨. ବୌଦ୍ଧ ଜିଲ୍ଲାରେ ୨୧୬୧, କଟକ ଜିଲ୍ଲାରେ ୨୩,୧୪୪, ଦେବଗଡ ଜିଲ୍ଲାରେ ୮୨୪, ଢେଙ୍କାନାଳ ଜିଲ୍ଲାରେ ୪୩୪୩. ଗଜପତି ଜିଲ୍ଲାରେ ୩୭୧୪, ଗଂଜାମ ଜିଲ୍ଲାରେ ୨୦୬୨୩ , ଜଗତସିଂହପୁର ଜିଲ୍ଲାରେ ୬୦୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୯୫୨୧, ଝାରସୁଗୁଡା ଜିଲ୍ଲାରେ ୫୩୨୭, କଳାହାଣ୍ଡି ଜିଲ୍ଲାରେ ୪୦୬୪, କନ୍ଧମାଳ ୫୧୦୦, କେନ୍ଦ୍ରାପଡା ଜିଲ୍ଲାରେ ୬୨୩୫, କେନ୍ଦୁଝର ଜିଲ୍ଲାରେ ୫୧୬୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୬୭୬ , ମାଲକାନଗିରି ଜିଲ୍ଲାରେ ୪୧୫୨, ମୟୁରଭଂଜ ଜିଲ୍ଲାରେ ୯୪୦୯. ନବରଙ୍ଗପୁର ଜିଲ୍ଲାରେ ୪୪୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୩୮୪, ନୂଆପଡା ଜିଲ୍ଲାରେ ୪୨୧୪ , ପୁରୀ ଜିଲ୍ଲାରେ ୧୧,୩୧୧, ରାୟଗଡା ଜିଲ୍ଲାରେ ୭୭୫୭. ସମ୍ବଲପୁର ଜିଲ୍ଲାରେ ୭୧୬୦ . ସୁବର୍ଣ୍ଣପୁର ଜିଲ୍ଲାରେ ୩୬୭୨ ଓ ସୁନ୍ଦରଗଡ ଜିଲ୍ଲାରେ ୮୬୭୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୫୦୮ ହୋଇଛି ।

# ଦିନକରେ ୧୦୩ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୬୮୪କୁ ବୃଦ୍ଧି




ବାଲେଶ୍ୱର,୧୧।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି । ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୯ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୧୭ହଜାର ଟପିଛି । ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୫୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୫୨ହଜାର ୨୩୯ ଛୁଇଁଛି । ଅନ୍ୟପକ୍ଷରେ ଆଜି ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୨୨ରେ ପହଞ୍ଚିଛି । ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୦୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୬୮୪ରେ ପହଞ୍ଚିଛି । ଏବେ ସୁଦ୍ଧା ଜିଲ୍ଲାରେ ୭୮୧୯ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୦୫ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଗତକାଲି ଭଳି ଆଜି ଆଜି ମଧ୍ୟ ବାଲେଶ୍ୱର ଜିଲ୍ଲାର ୩ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ଜଣେ ୪୨ ବର୍ଷର ମହିଳାଙ୍କ ସମେତ ୮୪, ୬୮ ଓ ୬୦ ବର୍ଷର ୩ ଜଣ ପୁରୁଷଙ୍କର କରୋନାରେ ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ । ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୫୫ରେ ପହଞ୍ଚିଛି । ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ୨୯୦ କରୋନା ପଜିଟିଭ୍ ଭୁବନେଶ୍ୱରରୁ ଆଜି ହେଲେ ଚିହ୍ନଟ: ସୁସ୍ଥ ହେଲେ ୩୫୨ ଜଣ ଆକ୍ରାନ୍ତ

ଭୁବନେଶ୍ୱର,୧୧।୧୦ (ନି.ପ୍ର): ରାଜ୍ୟରେ ଆଜି ୨୫୪୬ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରୁ ଆଜି ମୋଟ୍ ୨୯୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଏମସି ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ଚିହ୍ନଟ ହୋଇଥିବା କରୋନା ପଜିଟିଭ ମଧ୍ୟରୁ ୭୯ ଜଣ ସଂଗରୋଧ ଓ ୨୧୧ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟ ପକ୍ଷରେ ଆଜି ଭୁବନେଶ୍ୱରରୁ ଆଜି ୩୫୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ସୂଚନା ଦିଆ ଯାଇଛି । ଉଲ୍ଲେଖନୀୟ ଯେ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୫ ହଜାର ୪୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୧ ହଜାର ୮୯୭ ଜଣ ସୁସ୍ଥ ହୋଇସାରିଛନ୍ତି । ବର୍ତ୍ତମାନ ସୁଦ୍ଧା ୩ ହଜାର ୪୨୯ ଜଣ ଆକ୍ରାନ୍ତ ସକ୍ରିୟ ଆକ୍ରାନ୍ତ ଥିବା ବେଳେ ୧୧୭ ଜଣଙ୍କର ମୃତ୍ୟୁ ହୋଇଛି ।

## ନାନାଜୀ ଦେଶମୁଖଙ୍କୁ ମନେ ପକାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୧୦ (ନି.ପ୍ର): ଭାରତ ରତ୍ନ ନାନାଜୀ ଦେଶମୁଖଙ୍କୁ ଜୟନ୍ତୀରେ ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ନାନାଜୀ ଦେଶମୁଖ ଜେପିଙ୍କର ଜଣେ ଅନୁଗାମୀ ଥିଲେ । ଜେପିଙ୍କ ବିଚାରକୁ ଲୋକମାନଙ୍କ ମଧ୍ୟକୁ ନେବା ପାଇଁ ସେ ନିରବଚ୍ଛିନ୍ନ କାମ କରିଥିଲେ । ଗ୍ରାମ୍ୟ ଉନ୍ନୟନ ନେଇ ତାଙ୍କର ନିଜର କାମକୁ ଆମକୁ ପ୍ରେରଣା ପ୍ରଦାନ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# କୃଷି ଆଇନ ବିରୋଧୀ ଆନ୍ଦୋଳନ ଜୋରଦାର ପ୍ରୟାସ

## ପିସିସି ପକ୍ଷରୁ ମିସକଲ୍ ଅଭିଯାନ ଆରମ୍ଭ

ବାଲେଶ୍ୱର,୧୧।୧୦ (ନି.ପ୍ର): ଦେଶର କୃଷକଙ୍କ ବିକାଶର ପରିପନ୍ଥୀ ଭାବେ ସାବ୍ୟସ୍ତ ହେବାକୁ ଯାଉଥିବା କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍ ବିରୋଧରେ ଆନ୍ଦୋଳନକୁ ବ୍ୟାବକ ଆକାରରେ ଦେଶବ୍ୟାପୀ ଜାରି ରଖିବା ପାଇଁ କଂଗ୍ରେସ ପକ୍ଷରୁ ଶୁଭାରମ୍ଭ ହୋଇଥିବା ଅଭିନବ ମିସକଲ୍ ଅଭିଯାନ ନେଇ କର୍ମକର୍ତ୍ତାମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଆଜି ସୂଚନା ଦେଇଛନ୍ତି । ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ସୁଦର୍ଶନ ଦାସ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ନୂତନ ଆଇନ୍ ସମ୍ପର୍କରେ ଆଲୋକପାତ କରିଥିଲେ । କେବଳ କୃଷି ଆଇନ ନୁହେଁ ବରଂ ଶିଳ୍ପପତିଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାର ଶ୍ରମିକଙ୍କ ହକ୍‌କୁ ସଂକୁଚିତ ପାଇଁ ଶ୍ରମ ଆଇନ ସଂଶୋଧନ କରୁଛନ୍ତି । ସରକାରଙ୍କ ଏହି ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରା ବିରୋଧରେ ସମଗ୍ର ଦେଶରେ ଆନ୍ଦୋଳନ ତୀବ୍ର ରୂପ ନେବାକୁ ଯାଉଥିବା ବେଳେ ଏଥିରେ ଅଧିକରୁ ଅଧିକ ଚାଷୀଙ୍କୁ ଯୋଡ଼ିବାକୁ ପିସିସି ପକ୍ଷରୁ ନିଆରା ପ୍ରୟାସ କରାଯାଇଛି ବୋଲି ଶ୍ରୀ ଦାସ କହିଥିଲେ । ୭୪୦୬୩୪୩୩୩୦ ନଂରେ କୌଣସି ବ୍ୟକ୍ତି ଥରେ ମାତ୍ର ମିସକଲ୍ କଲେ ପିସିସି ପକ୍ଷରୁ ତାଙ୍କୁ ଏକ ମେସଜ୍ ଯିବା ସହିତ ଏହି ଆନ୍ଦୋଳନରେ ଯୋଡ଼ି ହୋଇଗଲେ ବୋଲି ଜାଣିବାକୁ ହେବ । ଏଥି ସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ପିସିସି ପକ୍ଷରୁ ଗତ ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଦସ୍ତଖତ ଅଭିଯାନ ।ଏଥିରେ ବାଲେଶ୍ୱରରୁ ଅତିକମ୍‌ରେ ୩୦ ହଜାର ଚାଷୀଙ୍କର ଦସ୍ତଖତ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି । ଏହି ଦୁଇ ଅଭିଯାନରେ ଛୋଟଚାଷୀ, ନାମକୁମାତ୍ର ଚାଷୀ, ମଧମ ବର୍ଗ ଚାଷୀ, ଭାଗଚାଷୀ, ବିଭିନ୍ନ ବର୍ଗର ଶ୍ରମିକ ଓ ସାଧାରଣ ଲୋକେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ଉଠିଥିବା ସ୍ୱରକୁ ଆହୁରି ଶାଣିତ କରିବା ପାଇଁ ଶ୍ରୀ ଦାସଙ୍କ ସମେତ ପୂର୍ବତନ ବିଧାୟକ ଗୋପନ ନାରାୟଣ ଦାସ ଓ ନଗର କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା ନିବେଦନ କରିଛନ୍ତି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୧୨ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୧୧।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୧୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୮୦୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୩୬ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏହି ସମୟ ମଧ୍ୟରେ ଗୋଟିଏ ଦୋକାନକୁ ସିଲ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ହାଣ୍ଡିଆ ମଦ ବିକ୍ରିକୁ ନେଇ ହାଟମଝିରେ ପୋଲିସକୁ ଆକ୍ରମଣ

- ଆକ୍ରମଣରେ ମହିଳା ପୋଲିସ କର୍ମଚାରୀ ଗୁରୁତର
- ଥାନାରେ ମାମଲା ରୁଜୁ, ଜଣେ ଅଭିଯୁକ୍ତ ଗିରଫ ଅନ୍ୟଜଣେ ଫେରାର



ବାରିପଦା ,୧୧।୧୦ (ନି.ପ୍ର): କରୋନା ମହାମାରୀ ସମୟରେ ପୋଲିସ ଅଧିକାରୀ ତଥା କର୍ମଚାରୀ ମାନେ କୋଭିଡ ଯୋଦ୍ଧା ଭାବରେ ନିଜ ଜୀବନକୁ ବାଜି ଲଗାଇ ଦିନରାତି ଲୋକଙ୍କ ସୁରକ୍ଷା ପାଇଁ କାମ କରୁଥିବା ବେଳେ ପୋଲସକୁ ମଧ୍ୟ ବହୁ ବିରୋଧର ଶୀକାର ହେବାକୁ ପଡୁଛି । ଏପରିକି ବିଭିନ୍ନ ସ୍ଥାନରେ ପୋଲିସ ଲୋକଙ୍କ ଆକ୍ରମଣର ଶୀକାର ମଧ୍ୟ ହେଉଛନ୍ତି । କରୋନା ମହାମାରୀ ଜୀବନ ପରେ ଜୀବନ ନେଉଥିଲେ ମଧ ଚେତୁ ନାହାନ୍ତି ସାଧାରଣ ଲୋକେ । ଏପରିକି ମଦବିକ୍ରି ପାଇଁ କାର୍ଯ୍ୟରତ ପୋଲିସକୁ ମଧ ଆକ୍ରମଣ କରିବାକୁ ପଛାଉନାହାନ୍ତି । ଗତ ୧୦ ତାରିଖରେ ଏଭଳି ଏକ ଜଘନ୍ୟ କାଣ୍ଡ ଘଟିଛି ମୟୂରଭ ଜିଲ୍ଲା ବିଶୋଇ ଥାନାର ବିଶୋଇ ସାପ୍ତାହିକ ହାଟରେ । ସୂଚନା ମୁତାବକ ଆଜି ପେଟ୍ରଲିଂ ଦାୟୀତ୍ୱରେ ଥିବା ବିଶୋଇ ଥାନାର ମହିଳା କର୍ମଚାରୀ ମୁଲତା ସାହୁ ଦୁଇଜଣ ଆଦିବାସୀ ମହିଳା ନିଜ ଘରେ ମହୁଲି ମଦ ରାନ୍ଧି ବେଆଇନ ଭାବରେ ସାପ୍ତାହିକ ହାଟରେ ବିକ୍ରି କରୁଥିବାରୁ ସେମାନଙ୍କୁ ପ୍ରଥମେ ଚେତାବନୀ ଦେଇଥିଲେ । ଚେତାବନୀ ସତ୍ତ୍ୱେ ସେମାନେ ମଦବିକ୍ରି ବନ୍ଦ ନକରିବାରୁ ଦିତୀୟ ଥର ପେଟ୍ରୋଲିଂ ଆସି ମଦ ଜବତ କରିବାକୁ ଚାହିଁବାରୁ ହଠାତ ମଦ ବିକ୍ରି କରୁଥିବା ମହିଳା ଦୁଇଜଣ ମୁଲତାଙ୍କୁ ଠେଙ୍ଗା ଦ୍ୱାରା ଆକ୍ରମଣ କରି ଗୁରୁତର କରି ପକାଇଥିବାର ଜଣାଯାଇଛି । ଆକ୍ରମଣ ଏତେ ଯୋରଦାର ଥିଲା ଯେ ସାଙ୍ଗରେ ଥିବା ଓ.ଏ.ପି ଜବାନ ପ୍ରଦୀପ ସିଂ ମଧ ମୁଲତାଙ୍କୁ ସେମାନଙ୍କ ଆକ୍ରମଣରୁ ହଠାତ ରକ୍ଷା କରିପାରି ନଥିଲେ । ଚୋରାମଦ ବିକ୍ରି କରୁଥିବା ମହିଳା ଦୁଇଜଣ ମୁଲତାଙ୍କୁ ବିଧା ଗୋଇଠା ମାରିବା ସହିତ ଠେଙ୍ଗାରେ ମଧ୍ୟ ପ୍ରହାର କରିଥିବାର ଦେଖାଯାଇଛି । ତେବେ ଦୁଇ ମହିଳାଙ୍କ ପ୍ରବଳ ଆକ୍ରମଣରେ ଲହୁଲୁହାଣ ହୋଇ ମଧ୍ୟ ମୁଲତା ନିଜ ସାହସିକତା ବଳରେ ଦୁଇଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଧରି ଥାନାକୁ ଆଣିବାକୁ ସକ୍ଷମ ହୋଇଥିଲେ । ତୁରନ୍ତ ମୁଲତାଙ୍କର ବିଶୋଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା କରାଯାଇଥିବା ବେଳେ, ଆକ୍ରମଣରେ ମୁଲତାଙ୍କ ଦେହସାରା ମାଡ ବାଜିବା ସହିତ ତାଙ୍କ ବାମ କାନମୁଣ୍ଡା, ପିଠି, ଅଂଟା ଆଦି ସ୍ଥାନରେ ରେ ଗୁରୁତର ଆଘାତ ଲାଗିଛି । ଏ ବାବଦରେ ବିଶୋଇ ଥାନାରେ କେସ ନଂ- ୯୯/୨୦ ମୂଳେ ଏକ ମାମଲା ରୁଜୁ ହେବା ସହିତ କାଣ୍ଡରା ଗ୍ରାମର କାପୁରା ମାରାଣ୍ଡି (୪୦) ଙ୍କୁ ଗିରଫ କରାଯିବା ସହିତ ଅନ୍ୟ ଜଣେ ଅଭିଯୁକ୍ତ ମହିଳା ଫେରାର ଥିବାରୁ ତାଙ୍କୁ ମଧ ପୋଲିସ ଖୋଜୁଛି ବୋଲି ବିଶୋଇ ଥାନା ଭାରପ୍ରାପ୍ତ ଅଧିକାରୀ ଫନିନ୍ଦ୍ର ଭୁଷଣ ନାୟକ କହିଛନ୍ତି । ତେବେ ଏଭଳି ଜଘନ୍ୟ ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳାଇ ଦେବା ସହିତ ବୁଦ୍ଧିଜିବୀ ମହଲରେ ଘଟଣାକୁ ନିନ୍ଦା କରାଯାଉଛି । ଅବକାରୀ ବିଭାଗ କେବଳ ଛୋଟମୋଟ ମଦ ବେପାରୀଙ୍କୁ ଧରି ବାହାବା ନେଉଥିବା ବେଳେ ସ୍ଥାନୀୟ ଅଂଚଳରେ ଖୁଲ୍ଲମଖୁଲ୍ଲା ଚୋରା ଦେଶୀ ବିଦେଶୀ ମଦ ବେପାର ଚାଲିଥିବାରୁ ଅବକାରୀ ବିଭାଗ କୁଆଡେ ଯାଇଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି ।

# ପାରାଦ୍ୱୀପ ପୂର୍ବତନ ପୌରପାଳ ଗୋବିନ୍ଦ ତରାଇଙ୍କ ଦେହାନ୍ତ



ପାରାଦ୍ୱୀପ ,୧୧।୧୦ (ନି.ପ୍ର): ପାରାଦ୍ୱୀପ ମ୍ୟୁନିସିପାଲିଟିର ପୂର୍ବତନ ପୌରପାଳ ବରିଷ୍ଠ ବିଜେଡି ନେତା ତଥା ପୂର୍ବଉପକୂଳର ବରିଷ୍ଠ କୈବର୍ତ୍ତ ନେତା ଗୋବିନ୍ଦ ଚନ୍ଦ୍ର ତରାଇଙ୍କର ଶନିବାର ସଂଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି । ୨୦୦୫ ମସିହାରେ ସେ ପାରାଦ୍ୱୀପ ପୌରପାଳିକାର ପୌରପାଳ ଭାବେ ସାଢେ ୪ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ । ସେ ବିଜୁ ଜନତା ଦଳର ଜଣେ ବରିଷ୍ଠ ସଦସ୍ୟ ଥିଲେ । ବିଜୁ ଅନୁଗାମୀ ଭାବେ ସେ ବେଶ୍ ଜଣାଶୁଣା ଥିଲେ । କୈବର୍ତ୍ତ ଷୋଳଭାୟା ସଙ୍ଗଠନର ସେ ପ୍ରଭାବଶାଳୀ କୈବର୍ତ୍ତ ନେତା ଥିଲେ । ପ୍ରଥମେ ଗୋଆ କାର୍ବନ ଓ ପରେ କଳିଙ୍ଗ କାଲ୍‌ସିନର ସାଧାରଣ ପରିଚାଳକ ଥିଲେ । ତାଙ୍କର ମୃତ୍ୟୁ ଖବର ପାରାଦ୍ୱୀପ ଅଞ୍ଚଳରେ ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ପାରାଦ୍ୱୀପ ବିଜୁ ଜନତା ଦଳର ନଗର ସଭାପତି ବସନ୍ତ ବିଶ୍ୱାଳଙ୍କ ସମେତ ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଏସ୍‌ୟୁଜେ) ରାଜ୍ୟ କଲ୍ୟାଣ ବୋର୍ଡ ଅଧକ୍ଷ ଗଗନ ବିହାରୀ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ତରାଇଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୭୪,୩୮୩ ନୂଆ ମାମଲା: ୯୧୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୧।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୭୪,୩୮୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୧୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୦,୫୩,୮୦୭ ରେ ପହଂଚିଛି ।
ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୮,୬୭,୪୯୬ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୦୮,୩୩୪ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଚନ୍ଦ୍ରପୁର ବ୍ୟାଙ୍କ ମ୍ୟାନେଜର ଓ ଦଲାଲଙ୍କ ମଧୁଚନ୍ଦ୍ରିକାରେ ହିତାଧିକାରୀଙ୍କ ଖାତାରୁ ଟଙ୍କା ଉଭାନ

ଗୁଣୁପୁର,୧୧।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଉପାନ୍ତ ଚନ୍ଦ୍ରପୁର ବ୍ଲକରେ ସରଳ ଆଦିବାସୀ ଓ ହରିଜନ ଏବଂ ଅନ୍ୟାନ୍ୟ ଶ୍ରେଣୀର ଗରିବ ଅଶିକ୍ଷିତ ଲୋକଙ୍କୁ ସରକାରୀ ବାବୁ ଏବଂ ତାଙ୍କ ସହଯୋଗୀ ଦଲାଲ ମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ତାଙ୍କ ଅଜଣାତରେ ହଡ଼ପ କରୁଥିବା ଅଭିଯୋଗ ହେଉଥିବା ବେଳେ ଏବେ ଚନ୍ଦ୍ରପୁର ଗ୍ରାମ୍ୟ ବ୍ୟାଙ୍କରେ ଜମା ଖାତାଧାରୀଙ୍କ ଅଜଣାତରେ ଖାତାରୁ ଟଙ୍କା ଉଠାଯାଇଥିବା ଜଣେ ମହିଳା ଜମାକାରୀ ବ୍ୟାଙ୍କମ୍ୟାନେଜରଙ୍କୁ ଲିଖିତ ଅଭିଯୋଗ କରିବା ସହ ସାମ୍ବାଦିକମାନଙ୍କୁ ସାକ୍ଷାତକାର ଦେଇଛନ୍ତି । ସୂଚନାଯୋଗ୍ୟ ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକ ବିଜାପୁରୁ ପଞ୍ଚାୟତର ସଦର ମହକୁମାର ରଜନୀ ବରାଳ (ବିଧବା ସ୍ତ୍ରୀ ) ଚନ୍ଦ୍ରପୁରୁ ଗ୍ରାମ୍ୟ ବ୍ୟାଙ୍କରେ ଆକାଉଣ୍ଟ ନମ୍ବର ୮୪୦୨୩୪୦୨୭୩୭ ରେ ବିଧବା ବୃଦ୍ଧି ରଜନୀ ବାରଡା ଖାତା ଖୋଲି ତାଙ୍କର ବିଧବା ଭତ୍ତା ଓ ଚା ଦୋକାନରୁ କିଛି ରୋଜଗାର କରି ପିଲାମାନଙ୍କ ପାଇଁ ପେଟକୁ ଭଲଭାବେ ନ ଖାଇ ସଞ୍ଚୟ କରି ରଖିଥିଲେ । ହେଲେ ତାଙ୍କ ଅଜଣାତରେ ତାଙ୍କ ଜମା ଖାତାରୁ ୧୮/୦୫/୨୦ ରିଖରେ ୩୦୦୦/- ଟଙ୍କା ଉଠାଯାଇଛି । ହେଲେ ସେ ତାଙ୍କ ସଂଚିତ ଜମା ଟଙ୍କାକୁ ଏବେ ପାଇଁ ଯାଇଥିଲେ କିନ୍ତୁ ଦେଖିଲାବେଳକୁ ତାଙ୍କ ସଞ୍ଚୟ ଅର୍ଥ ଆଉ ଖାତା ରେ ନାହିଁ । ମହିଳା ଜଣକ ଏ ନେଇ ମ୍ୟାନେଜରକୁ ପଚାରିଥିଲେ କିନ୍ତୁ ମ୍ୟାନେଜର ଖାତାଦାରଙ୍କ କଥାକୁ ଗୁରୁତ୍ୱ ନଦେଇ କଥାକୁ ଆଡେଇ ଦେଇ ପରେ ଦେଖିବା କହିଥିଲେ । କିଛି ଦିନ ପରେ ପୁନର୍ବାର ଖାତାଦାର ରଜନୀ ଟଙ୍କା କଥା କଣ ହେଲା ପଚାରିବାରୁ ବି ଏମ୍ ବିରକ୍ତ ହୋଇ କହିଥିଲେ ଲେଖି ଦିଅ ମୁଁ ଦେଖିବି, କିନ୍ତୁ ଲେଖିଦେଲାପରେ ମଧ ଆଜି ପର୍ଯ୍ୟନ୍ତ ବିଧବା ଖାତାଦାରର ଟଙ୍କାମିଳିପାରି ନାହିଁ ।

▶▶ପୃଷ୍ଠା ୭

# ପ୍ଲାଜମାଦାତାଙ୍କୁ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସମ୍ବର୍ଦ୍ଧନା



ବାଲେଶ୍ୱର,୧୧।୧୦ (ନି.ପ୍ର): ସରକାରୀ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ଶନିବାର ଅପରାହ୍ନରେ କମିଟିର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସଂପାଦକ ନିରଞ୍ଜନ ପରିଡ଼ା ଏହି ସ୍ୱତନ୍ତ୍ର ବୈଠକର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ଗତ ୨୦୦୫ ମସିହାଠାରୁ ପ୍ରତ୍ୟେକ ଶନିବାର ଦିନର ସାପ୍ତାହିକ ବୈଠକକୁ କୋଭିଡ୍-୧୯ର କଟକଣା ପାଇଁ ଗତ ଛଅମାସ ଧରି ବନ୍ଦ ରଖାଯାଇଛି ବୋଲି ଶ୍ରୀ ପରିଡ଼ା ସୂଚନା ଦେଇଥିଲେ । କରୋନା ମହାମାରୀର ପ୍ରକୋପ ବଢ଼ି ଚାଲିଥିଲାବେଳେ କ୍ରିୟାନୁଷ୍ଠାନ କମିଟିର ଆଜୀବନ ସଦସ୍ୟ ପାର୍ଥସାରଥୀ ଦତ୍ତଙ୍କ ନେତୃତ୍ୱରେ ପ୍ଲାଜ୍‌ମା ଦାନ କରିଥିବା ଯୁବକମାନଙ୍କୁ କମିଟି ତରଫରୁ ଉତ୍ତରୀୟ ଓ ପୁଷ୍ପପ୍ରଦାନ କରାଯାଇଥିଲା । ସାଂକେତିକ ଭାବେ ଏହି ସଂବର୍ଦ୍ଧନା ଅନ୍ୟମାନଙ୍କୁ ପ୍ଲାଜ୍‌ମା ଦାନ ପାଇଁ ଉତ୍ସାହିତ କରିବ ବୋଲି କମିଟି ଆଶା ପ୍ରକାଶ କରିଛି । ପ୍ରତିବର୍ଷଭଳି ଚଳିତ ଶାରଦୀୟ ଦୁର୍ଗାପୂଜାରେ ସ୍ଥାନୀୟ ବିଚାରଗଞ୍ଜ ଛକ ନିକଟସ୍ଥ ରିକ୍ସାଚାଳକ ସଂଘ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ତରଫରୁ 'କୋଭିଡ୍-୧୯'ର ସରକାରୀ ସତର୍କତା ସଂପର୍କରେ ଏକ ସଚେତନତା ଶିବିର ଚାରିଦିନ ପାଇଁ ଅନୁଷ୍ଠିତ ହେବ । ବାଲେଶ୍ୱର ସଦର ବିଧାନସଭା ପାଇଁ ଉପନିର୍ବାଚନ ହେଉଥିବାରୁ ସମସ୍ତ ପ୍ରାର୍ଥୀମାନଙ୍କୁ ନିମନ୍ତ୍ରଣ କରି ଚଳିତମାସ ଶେଷ ସପ୍ତାହରେ ଏକ ଖୋଲାମଞ୍ଚରେ ଉନ୍ନତ ସ୍ୱାସ୍ଥ୍ୟସେବା ନିମିତ୍ତ ସେମାନଙ୍କ ଆଭିମୁଖ୍ୟ ଉପସ୍ଥାପନ ପାଇଁ ନିବେଦନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସଭାକାର୍ଯ୍ୟ ପ୍ରାରମ୍ଭରେ କ୍ରିୟାନୁଷ୍ଠାନ କମିଟିର ଦିବଂଗତ ସଦସ୍ୟ, ସଦସ୍ୟାଙ୍କ ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo